# ଜାତୀୟ ଚେତନା

ଅଭିବ୍ୟକ୍ତିର ଶାଣିତ ସ୍ୱର

RNI Regd No: ODIODI/2017/74521

JATIYA CHETANA

ODIA WEEKLY

ବର୍ଷ-୧୦ ◆ ସଂଖ୍ୟା- ୦୫ ◆ ଭୁବନେଶ୍ୱର ◆ ସୋମବାର ◆ ସେପ୍ଟେମ୍ବର ୨୧ରୁ ସେପ୍ଟେମ୍ବର ୨୭, ୨୦୨୬ ◆ ପୃଷ୍ଠା-୮ ◆ ମୂଲ୍ୟ- ୪ ଟଙ୍କା

Volume-10 ◆ Issue-05 ◆ Bhubaneswar ◆ Monday ◆ September 21 to September 27, 2026 ◆ Page-8 ◆ Price Rs.4.00


## ଚୌଦ୍ୱାର ଜେଲ୍ ଅଧୀକ୍ଷକ ଗିରଫ

ଭୁବନେଶ୍ୱର,(ଜା.ପ୍ର): ଶେଷରେ ଚୌଦ୍ୱାର ଜେଲର ପୂର୍ବତନ ଅଧୀକ୍ଷକ ସୁଜିତ କୁମାର ରାଉଳ ଗିରଫ ହୋଇଛନ୍ତି। ୨ ବିହାରୀ କଏଦୀ ଚମ୍ପଟ ମାରିବା, ଦସ୍ତଖତ ଜାଲିଆତି ଏବଂ ଅଫିସ ରେକର୍ଡ ହେରଫେର ମାମଲାରେ ସେ ଗିରଫ ହୋଇଛନ୍ତି। ପୂର୍ବରୁ ସୁଜିତଙ୍କ ଆଗୁଆ ଜାମିନ ଆବେଦନ ହାଇକୋର୍ଟ ଖାରଜ କରିଦେଇଥିଲେ। ଗତବର୍ଷ ଦୁର୍ଗାପୂଜା ସମୟରେ କୁଖ୍ୟାତ ବିହାରୀ କଏଦୀ ରାଜା ସାହାଣୀ ଓ ମଧୁକାନ୍ତ କୁମାର ଚୌଦ୍ୱାର ଜେଲ୍‌ରୁ ଖସି ପଳାଇବା ଦିନଠାରୁ ସୁଜିତ ରାଉଳଙ୍କ ଭୂମିକା ସନ୍ଦେହ ଘେରରେ ରହିଥିଲା। ଘଟଣାକୁ ନେଇ ଜେଲ୍ ଅଧୀକ୍ଷକ ସୁଜିତ କୁମାର ରାଉଳ ଓ ପୂର୍ବତନ୍ ଜେଲର୍ ସନ୍ତୋଷିନୀ ଦାସ ମୁହାଁମୁହିଁ ହୋଇଥିଲେ। ସୁଜିତ ରାଉଳଙ୍କ ବିରୋଧରେ ଦସ୍ତଖତ ଜାଲିଆତି ଏବଂ ମିନିଟ୍ ବୁକ୍ ସମେତ ସରକାରୀ କାଗଜପତ୍ର ବଦଳାଇବା ଭଳି ଗୁରୁତର ଅଭିଯୋଗ ଆଣି ସନ୍ତୋଷିନୀ ଦାସ ଥାନାରେ ଏତଲା ଦେଇଥିଲେ। ତାଙ୍କ ଅଭିଯୋଗ ଅନୁସାରେ, କଏଦୀ ଫେରାର ହେବା ଦିନ ସୁଜିତ ରାଉଳ ବିନା କୌଣସି ସରକାରୀ ଅନୁମତିରେ ଅନୁପସ୍ଥିତ ଥିଲେ। କିନ୍ତୁ ଜେଲ୍‌ର ମୁଖ୍ୟ ଫାଟକ ରେଜିଷ୍ଟରରେ ସେ ସେହିଦିନ ଜେଲ୍ ଭିତରକୁ ଅନେକ ଥର ଯିବାଆସିବା କରିଥିବା ନେଇ ମିଥ୍ୟା ରେକର୍ଡ କରାଯାଇଥିଲା। ସିଡିଆର୍ ଯାଞ୍ଚ ବେଳେ ଘଟଣା ଦିନ ତାଙ୍କ ଲୋକେସନ୍ ଖୋର୍ଦ୍ଧାରେ ଥିଲା, ଅଥଚ ଜେଲ୍ ରେଜିଷ୍ଟରରେ ସେ ଜେଲ୍ ଭିତରେ ଥିବା ଦେଖାଯାଇଥିଲା। ଜେଲ୍‌ର ଅସଲି ମିନିଟ୍ ବୁକ୍ କୋର୍ଟରେ ଦାଖଲ ନକରି ତଦନ୍ତ ପ୍ରକ୍ରିୟାକୁ ବାଧାପ୍ରାପ୍ତ କରୁଥିଲେ।

### ବାରବାଟୀ ଷ୍ଟାଡିୟମଠାରେ ଓଡ଼ିଶା ଟି-୨୦ ଲିଗ୍ ସିଏମ୍ ଟ୍ରଫି-୨୦୨୬ ଶୁଭାରମ୍ଭ

## ରାଜ୍ୟର ଗ୍ରାମୀଣ କ୍ରିକେଟ ପ୍ରତିଭାଙ୍କୁ ମିଳିବ ବିଶ୍ୱସ୍ତରୀୟ ମଞ୍ଚ: ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,(ଜା.ପ୍ର): ଓଡ଼ିଶାର କ୍ରୀଡ଼ା ଇତିହାସରେ ଏକ ନୂତନ ଅଧ୍ୟାୟ ଯୋଡ଼ି ହୋଇଛି। କଟକର ଐତିହାସିକ ବାରବାଟୀ ଷ୍ଟାଡିୟମଠାରେ 'ଓଡ଼ିଶା ଟି-୨୦ ଲିଗ୍ ସିଏମ୍ ଟ୍ରଫି ୨୦୨୬'ର ଶୁଭାରମ୍ଭ ହୋଇଯାଇଛି। ମୁଖ୍ୟମନ୍ତ୍ରୀ ଟ୍ରଫିରେ ଫୁଟବଲ, ଖୋ-ଖୋ, କବାଡ଼ି ଓ ଭଲିବଲ ପରେ ଏବେ କ୍ରିକେଟ୍ ପଞ୍ଚମ କ୍ରୀଡ଼ା ଭାବେ ସାମିଲ ହୋଇଛି, ଯାହା ଓଡ଼ିଶାର ୩୦ଟି ଜିଲ୍ଲାରେ ଥିବା ଗ୍ରାମୀଣ କ୍ରିକେଟ୍ ପ୍ରତିଭାଙ୍କୁ ଚିହ୍ନଟ କରିବା ସହିତ ସେମାନଙ୍କୁ ନିଜ ଦକ୍ଷତା ପ୍ରଦର୍ଶନର ଏକ ନୂଆ ଓ ବଡ଼ ମଞ୍ଚ ପ୍ରଦାନ କରିବ ବୋଲି ରବିବାର ବାରବାଟୀ ଷ୍ଟାଡିଅୟଠାରେ 'ଓଡ଼ିଶା ଟି-୨୦ ଲିଗ୍ ସିଏମ୍ ଟ୍ରଫି ୨୦୨୬'ର ଶୁଭାରମ୍ଭ କରି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି । ଖେଳ ଏବେ କେବଳ କ୍ରୀଡ଼ା ପ୍ରତିଯୋଗିତା ମଧ୍ୟରେ ସୀମିତ ନରହି ଏକ ସଫଳ କ୍ୟାରିୟରର ମାଧ୍ୟମ ପାଲଟିଛି ବୋଲି ପ୍ରକାଶ କରି ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଗତ ଗୋଟିଏ ଦଶନ୍ଧି ମଧ୍ୟରେ ଭାରତର କ୍ରୀଡ଼ା ଦୃଶ୍ୟପଟ୍ଟ ସମ୍ପୂର୍ଣ୍ଣ ବଦଳିଯାଇଛି। ଆଜିର ଟି-୨୦ ଏବଂ ଲିଗ୍ କ୍ରିକେଟ୍ ଯୁଗରେ ଯୁବ ଖେଳାଳିଙ୍କ ପାଇଁ ଅନେକ ସୁଯୋଗ ସୃଷ୍ଟି ହୋଇଛି। ଏହି ଲିଗ୍‌ରେ ପ୍ରସିଦ୍ଧ ଭାରତୀୟ କ୍ରିକେଟର ସୁରେଶ ରାଇନା ଏବଂ ଓଡ଼ିଶାର 'ସ୍ୱିଙ୍ଗ ମାଷ୍ଟର' ଦେବାଶିଷ ମହାନ୍ତି ଆମ୍ବାସାଡର ଭାବେ ଯୋଡ଼ି ହୋଇଥିବାରୁ ଏହା ଯୁବ ଖେଳାଳିଙ୍କୁ ପ୍ରେରଣା ଦେବ। ରାଜ୍ୟରେ ପ୍ରତିଭା ଓ ଭିତ୍ତିଭୂମିର ଅଭାବ ନାହିଁ, ତେଣୁ ଚୟନକର୍ତ୍ତାମାନେ ସଠିକ୍ ପ୍ରତିଭାକୁ ଚିହ୍ନଟ କରି ଆଗାମୀ ଦିନରେ ଓଡ଼ିଶାରୁ ଆହୁରି ଅନେକ ଜାତୀୟ ଓ ଆଇପିଏଲ୍ ଖେଳାଳି ସୃଷ୍ଟି କରିବେ ବୋଲି ମୁଖ୍ୟମନ୍ତ୍ରୀ ବିଶ୍ୱାସ ପ୍ରକାଶ କରିଛନ୍ତି।




ମୁଖ୍ୟମନ୍ତ୍ରୀ ଆହୁରି କହିଛନ୍ତି ଯେ ରାଜ୍ୟରେ କ୍ରୀଡ଼ା ଭିତ୍ତିଭୂମିକୁ ସୁଦୃଢ଼ କରିବା ପାଇଁ ସରକାର ସମସ୍ତ ୩୧୪ଟି ବ୍ଲକରେ ୪,୧୨୪ କୋଟି ଟଙ୍କା ବ୍ୟୟରେ ଅତ୍ୟାଧୁନିକ ଷ୍ଟାଡିୟମ ନିର୍ମାଣ କରୁଛନ୍ତି। ଏହା ସହିତ ଭୁବନେଶ୍ୱରର ଗୋଠପାଟଣାଠାରେ ଏକ ହାଇ-ଟେକ୍ ସ୍ପୋର୍ଟ୍ସ କମ୍ପ୍ଲେକ୍ସ ପ୍ରତିଷ୍ଠା କରାଯିବ। ବାରବାଟୀ ଷ୍ଟାଡିୟମର ସମ୍ପୂର୍ଣ୍ଣ ନବୀକରଣ କରାଯାଇ ଏହାକୁ ଦେଶର ଶ୍ରେଷ୍ଠ କ୍ରୀଡ଼ା ଭେନ୍ୟୁରେ ପରିଣତ କରିବା ପାଇଁ ସରକାର ସଙ୍କଳ୍ପବଦ୍ଧ। ଓଡ଼ିଶା କ୍ରିକେଟ୍ ଆସୋସିଏସନ୍‌ର ଅଣ୍ଡର-୧୪ କ୍ରିକେଟ୍ ଏକାଡେମୀ ପ୍ରତିଷ୍ଠା ଉଦ୍ୟମକୁ ମୁଖ୍ୟମନ୍ତ୍ରୀ ପ୍ରଶଂସା କରିବା ସହ ଲିଗ୍‌ରେ ଭାଗ ନେଇଥିବା ସମସ୍ତ ୬ଟି ଦଳ, ଅଧିନାୟକ, ପ୍ରଶିକ୍ଷକ ଓ କ୍ରୀଡ଼ାପ୍ରେମୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

ଏହି ଅବସରରେ ପୂର୍ବତନ ଭାରତୀୟ ଅନ୍ତର୍ଜାତୀୟ କ୍ରିକେଟର ସୁରେଶ ରାଇନା କହିଛନ୍ତି ଯେ, ସେ ଶେଷ ଥର ପାଇଁ କଟକର ବାରବାଟୀ ଷ୍ଟାଡିୟମରେ ଶ୍ରୀଲଙ୍କା ବିପକ୍ଷରେ ଭାରତୀୟ ଦଳର ପ୍ରତିନିଧିତ୍ୱ କରିବା ଅବସରରେ ଓଡ଼ିଶା ଆସିଥିଲେ। ଓଡ଼ିଶା ସରକାରଙ୍କ ଏହି ପଦକ୍ଷେପ ପ୍ରକୃତରେ ପ୍ରଶଂସନୀୟ। ଏହା ନିଶ୍ଚିତ ଭାବରେ ଖେଳାଳିମାନଙ୍କୁ କ୍ରିକେଟ ଖେଳ ପ୍ରତି ସେମାନଙ୍କର ଭଲପାଇବା ପ୍ରକାଶ କରିବା ଏବଂ କ୍ରୀଡ଼ାକୁ ଆପଣାଇବା ପାଇଁ ଉତ୍ସାହିତ କରିବ।

ଏହି ଉଦ୍‌ଘାଟନୀ ସମାରୋହରେ ଶାସକ ଦଳ ମୁଖ୍ୟ ସଚେତକ ସରୋଜ କୁମାର ପ୍ରଧାନ , ବାରବାଟୀ-କଟକ ବିଧାୟିକା ସୋଫିଆ ଫିର୍ଦୋସ୍, କଟକ ସଦର ବିଧାୟକ ପ୍ରକାଶ ଚନ୍ଦ୍ର ସେଠୀ, କଟକ ଚୌଦ୍ୱାର ବିଧାୟକ ସୌଭିକ ବିଶ୍ୱାଳ, ଅନୁଗୁଳ ବିଧାୟକ ତଥା ଓସିଏ ଆପେକ୍ସ କାଉନସିଲ ସଦସ୍ୟ ପ୍ରତାପ ଚନ୍ଦ୍ର ପ୍ରଧାନ, ତିର୍ତ୍ତୋଲ ବିଧାୟକ ରମାକାନ୍ତ ଭୋଇ, ଓଡ଼ିଶା ଫୁଟବଲ ଆସୋସିଏସନର ସମ୍ପାଦକ ଏବଂ ଓଡ଼ିଶା ଆଥଲେଟିକ୍ ଆସୋସିଏସନର ଅଧ୍ୟକ୍ଷ ଡକ୍ଟର ଆଶୀର୍ବାଦ ବେହେରା, ପୂର୍ବତନ କ୍ରିକେଟର ଦେବାଶିଷ ମହାନ୍ତି, ଓଡ଼ିଶା କ୍ରିକେଟ୍ ଆସୋସିଏସନ୍‌ର ସଭାପତି ଶ୍ରୀ ପଙ୍କଜ ଲୋଚନ ମହାନ୍ତି, ଉପ-ସଭାପତି ଜଗମୋହନ ପଟ୍ଟନାୟକ, ସମ୍ପାଦକ ସଞ୍ଜୟ ବେହେରାଙ୍କ ସମେତ ଓଡ଼ିଶାର ଅନ୍ୟାନ୍ୟ ସଦସ୍ୟ, ପ୍ରଶିକ୍ଷକ, ଖେଳାଳି ଓ ବିଶିଷ୍ଟ ଅତିଥିବୃନ୍ଦ ଉପସ୍ଥିତ ଥିଲେ।

## 'ଶ୍ରୀ ଜଗନ୍ନାଥ ଦର୍ଶନ ଯୋଜନା'ର ଶୁଭାରମ୍ଭ

ଭୁବନେଶ୍ୱର,(ଜା.ପ୍ର): ରାଜ୍ୟ ସରକାରଙ୍କ ପର୍ଯ୍ୟଟନ ବିଭାଗ ଏବଂ ଓଏସଆରଟିସିର ମିଳିତ ସହଯୋଗରେ କାର୍ଯ୍ୟକାରୀ ହେଉଥିବା 'ଶ୍ରୀ ଜଗନ୍ନାଥ ଦର୍ଶନ ଯୋଜନା' ଅନ୍ତର୍ଗତ ୨୦୨୬-୨୭ ଆର୍ଥିକ ବର୍ଷର ପ୍ରଥମ ତୀର୍ଥଯାତ୍ରାର ଶୁଭାରମ୍ଭ ହୋଇଯାଇଛି। ଉପମୁଖ୍ୟମନ୍ତ୍ରୀ ତଥା ମହିଳା ଓ ଶିଶୁ ବିକାଶ,ମିଶନ ଶକ୍ତି ଏବଂ ପର୍ଯ୍ୟଟନ ମନ୍ତ୍ରୀ ପ୍ରଭାତୀ ପରିଡ଼ା ରବିବାର ଆଭାସୀ ମାଧ୍ୟମରେ ମାଲକାନଗିରି, କୋରାପୁଟ ଓ ନବରଙ୍ଗପୁର ଜିଲ୍ଲାର ୯୧୦ ଜଣ ବରିଷ୍ଠ ତୀର୍ଥଯାତ୍ରୀଙ୍କୁ ପୁରୀ ଧାମ ଯାତ୍ରାର ଶୁଭାରମ୍ଭ କରିଛନ୍ତି।

ଏହି ଅବସରରେ ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡ଼ା କହିଛନ୍ତିଯେ, ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ଦର୍ଶନ ପାଇଁ ପ୍ରତି ଓଡ଼ିଆଙ୍କ ମନରେ ଥିବା ଆଧ୍ୟାତ୍ମିକ ଆକାଂକ୍ଷାକୁ ପୂରଣ କରିବା ହେଉଛି ଲୋକଙ୍କ ସରକାରଙ୍କ ମୁଖ୍ୟ ଲକ୍ଷ୍ୟ। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ପ୍ରୟାସରେ ରାଜ୍ୟର ବରିଷ୍ଠ ନାଗରିକମାନଙ୍କୁ ଶ୍ରୀକ୍ଷେତ୍ର ଦର୍ଶନ କରାଇବାର ଏହି ପବିତ୍ର ସୁଯୋଗ ସୃଷ୍ଟି ହୋଇଛି। ତୀର୍ଥଯାତ୍ରୀମାନେ ପୁରୀ ସ୍ଥିତ 'ବୃନ୍ଦାବତୀ ନିବାସ'ରେ ରହିବା ସହ ସେମାନଙ୍କ ପାଇଁ ସୁରକ୍ଷିତ ଯାତ୍ରା, ସ୍ୱାସ୍ଥ୍ୟ ପରୀକ୍ଷା, ମହାପ୍ରସାଦ ସେବନ ଏବଂ ସ୍ୱତନ୍ତ୍ର ଦର୍ଶନର ଭବ୍ୟ ବ୍ୟବସ୍ଥା କରାଯାଇଛି।

ସୂଚନାଯୋଗ୍ୟଯେ ଚଳିତ ବର୍ଷ ଏହି ଯୋଜନା ଅନ୍ତର୍ଗତ ପ୍ରଥମ ପର୍ଯ୍ୟାୟରେ ୨୦ ସେପ୍ଟେମ୍ବରରୁ ୧୭ ଅକ୍ଟୋବର ମଧ୍ୟରେ ୧୩ଟି ଜିଲ୍ଲାରୁ ମୋଟ ୧୦,୪୩୪ ଜଣ ତୀର୍ଥଯାତ୍ରୀଙ୍କ ପାଇଁ ପୁରୀ ଦର୍ଶନର ବ୍ୟବସ୍ଥା କରାଯାଇଛି। ରବିବାର ପ୍ରଥମ ଯାତ୍ରାରେ ମୋଟ ୯୧୦ ଜଣ ତୀର୍ଥଯାତ୍ରୀ ସାମିଲ ଥିବା ବେଳେ ସେଥିମଧ୍ୟରୁ ମାଲକାନଗିରିରୁ ୪୯୦ ଜଣ, କୋରାପୁଟରୁ ୨୧୦ ଜଣ ଏବଂ ନବରଙ୍ଗପୁରରୁ ୨୧୦ ଜଣ ତୀର୍ଥଯାତ୍ରୀ ରହିଛନ୍ତି। ପ୍ରତି ବସରେ ୩୫ ଜଣ ତୀର୍ଥଯାତ୍ରୀମାନଙ୍କ ସହ ୩ ଜଣ ଏସ୍କର୍ଟ ଅଧିକାରୀ ଏବଂ ୧ ଜଣ ପାରାମେଡିକାଲ ଷ୍ଟାଫ୍ ଯାତ୍ରୀମାନଙ୍କର ସୁବିଧା ଓ ସ୍ୱାସ୍ଥ୍ୟର ତଦାରଖ କରୁଛନ୍ତି। ଏହି ଯୋଜନନା ମଧ୍ୟରେ ୧ ଲକ୍ଷ ବରିଷ୍ଠ ନାଗରିକଙ୍କୁ ଶ୍ରୀମନ୍ଦିର ଦର୍ଶନ କରାଇବାର ଲକ୍ଷ୍ୟ ରଖାଯାଇଥିବା ବେଳେ ଚଳିତ ବର୍ଷ ୩୦,୦୦୦ ଯୋଗ୍ୟ ହିତାଧିକାରୀଙ୍କ ପାଇଁ ଏହି ବ୍ୟବସ୍ଥା କରାଯାଉଛି। ଏହି ଯୋଜନା ଅଧୀନରେ ନିଜ ପଞ୍ଚାୟତରୁ ଜିଲ୍ଲା ସଦର ମହକୁମା ଓ ସେଠାରୁ ସ୍ୱତନ୍ତ୍ର ବସ୍ ଯୋଗେ ପୁରୀ ଯାତ୍ରା, ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା, ଦୈନିକ ୪ ଥର ନିରାମିଷ ଭୋଜନ, ସ୍ୱତନ୍ତ୍ର କିଟ୍ ବ୍ୟାଗ୍ ଏବଂ ବୃନ୍ଦାବତୀ ନିବାସରେ ମହାପ୍ରସାଦ ସେବନ ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମର ବ୍ୟବସ୍ଥା କରାଯାଇଛି।

ଏହି କାର୍ଯ୍ୟକ୍ରମରେ ପର୍ଯ୍ୟଟନ ବିଭାଗର କମିଶନର ତଥା ଶାସନ ସଚିବବଲବନ୍ତ ସିଂହ, ପର୍ଯ୍ୟଟନ ବିଭାଗର ନିର୍ଦ୍ଦେଶକ ଦୀପଙ୍କର ମହାପାତ୍ର, ଅତିରିକ୍ତ ସଚିବ ରୁଦ୍ର ପ୍ରସନ୍ନ ସାହୁ ଏବଂ ଓଏସଆରଟିସିର ମହାପ୍ରବନ୍ଧକ ଦେବବ୍ରତ ମଲ୍ଲିକ ଉପସ୍ଥିତ ଥିଲେ। ଏହାସହିତ ମାଲକାନଗିରି ବିଧାୟକ ନରସିଂହ ମାଡ଼କାମୀ, ଚିତ୍ରକୋଣ୍ଡା ବିଧାୟକ ମଙ୍ଗୁ ଖିଲ, କୋରାପୁଟ ବିଧାୟକ ରଘୁରାମ ମାଛ ସମେତ ସମ୍ପୃକ୍ତ ଜିଲ୍ଲାର ଜିଲ୍ଲାପାଳ, ପ୍ରଶାସନିକ ଅଧିକାରୀ, ଓଏସଆରଟିସି ଓ ପର୍ଯ୍ୟଟନ ବିଭାଗର କର୍ମଚାରୀ ଏବଂ ତୀର୍ଥଯାତ୍ରୀମାନେ ଆଭାସୀ ମାଧ୍ୟମରେ ଉପସ୍ଥିତ ଥିଲେ।

ଜାତୀୟ ଚେତନା
JATIYA CHETANA



# ଯୁଦ୍ଧ ବନ୍ଦ ପାଇଁ ଟ୍ରମ୍ପଙ୍କୁ ୭ ସର୍ତ୍ତ ପଠାଇଲା ଇରାନ୍



ତେହେରାନ,(ଏଜେନ୍ସି): ମଧ୍ୟପ୍ରାଚ୍ୟରେ ବୃଦ୍ଧି ପାଉଥିବା ସଂଘର୍ଷ ମଧ୍ୟରେ ଇରାନ, ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ନିକଟକୁ ୭ଟି ସର୍ତ୍ତ ପଠାଇଛି। ଦୀର୍ଘ ମାସ ଧରି ଚାଲିଥିବା ଏହି ଯୁଦ୍ଧକୁ ସମାପ୍ତ କରିବା ପାଇଁ ଆମେରିକାର ଜବାବକୁ ଇରାନ ଅପେକ୍ଷା କରିଥିବା ଜଣାପଡ଼ିଛି।ଆମେରିକା ଓ ଇରାନର ତିକ୍ତତା ଯୋଗୁ ଏବେ ସାଉଦି ଆରବ ଓ ୟେମେନରେ ସକ୍ରିୟ ହୁତି ବିଦ୍ରୋହୀ ମଧ୍ୟ ମୁହାଁମୁହିଁ ହୋଇଛନ୍ତି। ଏସବୁ ଭିତରେ ଇରାନ ପକ୍ଷରୁ ଯୁଦ୍ଧ ବନ୍ଦର ୭ ସର୍ତ୍ତ ଟ୍ରମ୍ପଙ୍କ ପାଖକୁ ପଠାଯାଇଛି। କାତାର ମାଧ୍ୟମରେ ଏହି ସର୍ତ୍ତଗୁଡ଼ିକୁ ୱାଶିଂଟନ ପାଖକୁ ପଠାଯାଇଛି।

ଇରାନର ସୁପ୍ରିମ ଜାତୀୟ ସୁରକ୍ଷା ପରିଷଦ ମୁଖ୍ୟ ମୋହସେନ ରେଜାଇଙ୍କ ସୂଚନା ଅନୁଯାୟୀ ବର୍ତ୍ତମାନ ୭ ମାସରେ ପହଞ୍ଚି ଥିବା ଯୁଦ୍ଧକୁ ବନ୍ଦ କରିବା ପାଇଁ ଇରାନ ନିଜର ସର୍ତ୍ତ ଉପସ୍ଥାପନ କରି ସାରିଛି। ଏବେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଜବାବକୁ ଅପେକ୍ଷା କରାଯାଇଛି। ରବିବାର ଏକ୍ସରେ ରେଜାଇ କହିଛନ୍ତି, "ଆମେରିକା ସରକାର ଘୋଷଣା କରିଥିବା ବୁଝାମଣା ଆଲୋଚନାକୁ ଆଗକୁ ନେବା ପାଇଁ ଇରାନ ୭ଟି ସର୍ତ୍ତ ରଖିଛି। ଇରାନର ବାର୍ତ୍ତା ସଂପୂର୍ଣ୍ଣ ସ୍ପଷ୍ଟ। ଯଦି ୱାଶିଂଟନ ନିଜେ ସୃଷ୍ଟି କରିଥିବା ଗୋଳିଆ ସ୍ଥିତିରୁ ମୁକୁଳିବାକୁ ଚାହେଁ, ତା'ହେଲେ ଦେଶ ପାଖରେ ଇରାନର ଅଧିକାର ଓ ସର୍ତ୍ତକୁ ମାନିବା ଛଡ଼ା ଆଉ କୌଣସି ବିକଳ୍ପ ନାହିଁ।"

ସେହିପରି କତରର ଅଲ ଜାଜେରା ପ୍ରସାରଣ କରିଥିବା ଗୋଟିଏ ସାକ୍ଷାତକାରରେ ରେଜାଇ କହିଛନ୍ତି ଯେ ସବୁ ପକ୍ଷ ସହ ଯୁଦ୍ଧ ବନ୍ଦ, ଜବତ ହୋଇଥିବା ଇରାନ ସମ୍ପତ୍ତି ରିଲିଜ ଓ ଇରାନୀୟ ବନ୍ଦରରେ ଆମେରିକା ନୌସେନା କରିଥିବା ଅବରୋଧର ଅନ୍ତ ଆଦି ସର୍ତ୍ତ ଯୁଦ୍ଧ ବନ୍ଦ ପାଇଁ ରଖାଯାଇଛି। ୟେମେନ ଓ ସାଉଦୀ ମଧ୍ୟରେ ଚାଲିଥିବା ଲଢ଼େଇ ବନ୍ଦ ହେବା ସପକ୍ଷରେ ମଧ୍ୟ ଇରାନ ରହିଥିବା ରେଜାଇ ସ୍ପଷ୍ଟ କରିଛନ୍ତି।

ସେ କହିଛନ୍ତି, "ଆମେ ମଧ୍ୟସ୍ଥତା କରୁଥିବା କତରର ଯୋଗାଯୋଗରେ ରହିଛୁ। କତର ଆମ ସର୍ତ୍ତଗୁଡ଼ିକୁ ଆମେରିକା ପାଖରେ ପହଞ୍ଚାଇଛି। ଆମେ ଏବେ ରାଷ୍ଟ୍ରପତି ଟ୍ରମ୍ପଙ୍କ ଜବାବକୁ ଅପେକ୍ଷା କରିଛୁ। ସର୍ତ୍ତଗୁଡ଼ିକୁ ମାନିନେବା ୱାଶିଂଟନ ପାଇଁ ଭଲ ହେବ। ଟ୍ରମ୍ପଙ୍କ ଧମକରେ କୌଣସି ସଫଳତା ମିଳିବ ନାହିଁ। ଆମେ ଗୋଟିଏ ନିର୍ଣ୍ଣାୟକ ଯୁଦ୍ଧ ପାଇଁ ପ୍ରସ୍ତୁତ ରହିଛୁ।" ଇରାନ ବିପକ୍ଷରେ ଆମେରିକା ପୁଣି ଷ୍ଟ୍ରାଇକ କରିବାର ଆଶଙ୍କା ଥିବା କଥାକୁ ମଧ୍ୟ ରେଜାଇ ସ୍ୱୀକାର କରିଛନ୍ତି। ଏଥିସହ ଇରାନ ଏବେ ଯୁଦ୍ଧକୁ ଯଥା ଶୀଘ୍ର ସମ୍ଭବ ଶେଷ କରିବା ପାଇଁ ଇରାନ ଗୋଟିଏ ନୂଆ ଶୈଳୀରେ କାର୍ଯ୍ୟ କରୁଥିବା ମଧ୍ୟ ସେ ସୂଚନା ଦେଇଛନ୍ତି।

ଚଳିତ ବର୍ଷ ଫେବୃଆରୀ ୨୮ରେ ଆମେରିକା ଓ ଇସ୍ରାଏଲ ମିଳିତ ଭାବେ ଇରାନ ଉପରେ ହମଲା କରିବାରୁ ମଧ୍ୟପ୍ରାଚ୍ୟରେ ଯୁଦ୍ଧ ଆରମ୍ଭ ହୋଇଥିଲା। ଫେବୃଆରୀ ୨୮ ହମଲାରେ ଇରାନ ନିଜର ସୁପ୍ରିମ ଲିଡର ଅଲୀ ଖାମେନେଇଙ୍କ ସମେତ ଅନେକ ବରିଷ୍ଠ ନେତୃବୃନ୍ଦଙ୍କୁ ହରାଇଥିଲା। ଏହାର ଜବାବରେ ଇରାନ ମଧ୍ୟପ୍ରାଚ୍ୟରେ ଥିବା ଆମେରିକା ଓ ଇସ୍ରାଏଲର ସମ୍ପତ୍ତି ଗୁଡ଼ିକୁ ଟାର୍ଗେଟ କରିବାରୁ ସ୍ଥିତି ଜଟିଳ ହୋଇଛି।

ଜୁନ ୧୭ରେ ଯୁଦ୍ଧ ବନ୍ଦ ପାଇଁ ରାଷ୍ଟ୍ରପତି ଟ୍ରମ୍ପ ଓ ଇରାନ ପ୍ରତିପକ୍ଷ ମସୁଦ ପେଜେସ୍କିଆନ ଗୋଟିଏ ୧୪ ପଏଣ୍ଟ ବିଶିଷ୍ଟ ଚୁକ୍ତିରେ ସ୍ୱାକ୍ଷର କରିଥିଲେ। ତତ୍କାଳ ସାମରିକ ବିବାଦ ବନ୍ଦ କରିବା ସହ ୬୦ ଦିନ ଭିତରେ ଚୂଡ଼ାନ୍ତ ବୁଝାମଣା ପ୍ରସ୍ତୁତ କରିବାକୁ ଉଭୟ ରାଜି ହୋଇଥିଲେ। କିନ୍ତୁ ଜୁଲାଇ ୮ରେ ହଠାତ୍ ଟ୍ରମ୍ପ ଡିଲ୍ ଓଭର ବୋଲି ଘୋଷଣା କରିଥିଲେ। ଇରାନ ମଧ୍ୟ ଚୁକ୍ତି ନିୟମକୁ ଆମେରିକା ଉଲ୍ଲଙ୍ଘନ କରିଥିବା ଅଭିଯୋଗ କରି ବୁଝାମଣାପତ୍ରରେ ଥିବା ସର୍ତ୍ତକୁ ରଦ୍ଦ କରିଥିଲା। ଏହାକୁ ନେଇ ଏବେ ଉଭୟ ଦେଶ ମଧ୍ୟରେ ଟକରାଟକରି ଜାରି ରହିଛି।

# ପାସପୋର୍ଟ ନିୟମ ଓ ଫି'ରେ ବ୍ୟାପକ ସଂଶୋଧନ

ନୂଆଦିଲ୍ଲୀ,(ଏଜେନ୍ସି): ବିଦେଶ ଭ୍ରମଣ ତଥା ପାସପୋର୍ଟ ଆବେଦନକାରୀଙ୍କ ପାଇଁ କେନ୍ଦ୍ର ବିଦେଶ ମନ୍ତ୍ରଣାଳୟ ପକ୍ଷରୁ ଏକ ଗୁରୁତ୍ୱପୂର୍ଣ୍ଣ ଘୋଷଣା କରାଯାଇଛି। 'ପାସପୋର୍ଟ (ସଂଶୋଧନ) ନିୟମ, ୨୦୨୬' ଅନୁଯାୟୀ ପାସପୋର୍ଟ ଆବେଦନ ଫି' ଏବଂ ଏହାର ବୈଧତା ସମ୍ପର୍କିତ ନିୟମାବଳୀରେ ବଡ଼ଧରଣର ପରିବର୍ତ୍ତନ ଅଣାଯାଇଛି। ସେପ୍ଟେମ୍ବର ୧୫ ତାରିଖରୁ ଏହି ନୂତନ ନିୟମ ସରକାରୀ ଗେଜେଟ୍‌ରେ ପ୍ରକାଶ ପାଇବା ସହ ସମଗ୍ର ଦେଶରେ କାର୍ଯ୍ୟକାରୀ ହୋଇସାରିଛି। ଏହି ନୂଆ ନିୟମାବଳୀ ପ୍ରଭାବରେ ସାଧାରଣ ପାସପୋର୍ଟ, ତତ୍କାଳ ପାସପୋର୍ଟ ଏବଂ ପୁଲିସ କ୍ଲିୟରାନ୍ସ ସାର୍ଟିଫିକେଟ୍ ସମେତ ବିଭିନ୍ନ ପ୍ରକାରର ପାସପୋର୍ଟ ସେବା ପାଇଁ ଦେବାକୁ ପଡୁଥିବା ଦେୟ ପରିମାଣ ପୂର୍ବାପେକ୍ଷା ବୃଦ୍ଧି ପାଇଛି।

ନୂତନ ନିୟମ ଅନୁସାରେ, ୧୫ ବର୍ଷରୁ କମ୍ ବୟସର ଶିଶୁମାନଙ୍କୁ ପ୍ରଦାନ କରାଯାଉଥିବା ୩୬ ପୃଷ୍ଠାବିଶିଷ୍ଟ ସାଧାରଣ ପାସପୋର୍ଟର ବୈଧତା ଅବଧି ୫ ବର୍ଷ ପର୍ଯ୍ୟନ୍ତ ରହିବ। ତେବେ ଶିଶୁଟି ୧୮ ବର୍ଷ ବୟସରେ ପହଞ୍ଚିବା ପୂର୍ବରୁ ଯଦି ଏହି ୫ ବର୍ଷର ମିଆଦ ଶେଷ ହୋଇଯାଏ, ତେବେ ତାହାକୁ ହିଁ ଶେଷ ବୈଧତା ଭାବେ ଗ୍ରହଣ କରାଯିବ। ଅର୍ଥାତ୍ ୫ ବର୍ଷର ଅବଧି କିମ୍ବା ଆବେଦନକାରୀ ୧୮ ବର୍ଷ ବୟସରେ ପହଞ୍ଚିବା—ଏହି ଦୁଇଟି ସୀମା ମଧ୍ୟରୁ ଯେଉଁଟି ପ୍ରଥମେ ପୂରଣ ହେବ, ସେହି ଅନୁଯାୟୀ ପାସପୋର୍ଟର ସମୟସୀମା ନିର୍ଦ୍ଧାରଣ କରାଯିବ।

ସେହିପରି ବିଭିନ୍ନ ବର୍ଗର ପାସପୋର୍ଟ ଫି'ରେ ମଧ୍ୟ ଯଥେଷ୍ଟ ବୃଦ୍ଧି କରାଯାଇଛି। ବୟସ୍କ ଆବେଦନକାରୀଙ୍କ ପାଇଁ ୩୬ ପୃଷ୍ଠାର ସାଧାରଣ ପାସପୋର୍ଟ ଫି' ପୂର୍ବରୁ ୧,୫୦୦ ଟଙ୍କା ଥିବା ବେଳେ ଏବେ ତାହା ୨,୫୦୦ ଟଙ୍କାକୁ ବୃଦ୍ଧି ପାଇଛି। ୬୦ ପୃଷ୍ଠାର ସାଧାରଣ ପାସପୋର୍ଟ ଦେୟ ୨,୦୦୦ ଟଙ୍କାରୁ ବଢ଼ାଯାଇ ୩,୫୦୦ ଟଙ୍କା କରାଯାଇଛି। ଜରୁରୀକାଳୀନ ଆବଶ୍ୟକତା ପାଇଁ ୩୬ ପୃଷ୍ଠାର ତତ୍କାଳ ପାସପୋର୍ଟ ଫି' ୩,୫୦୦ ଟଙ୍କା ବଦଳରେ ୫,୦୦୦ ଟଙ୍କା ଏବଂ ୬୦ ପୃଷ୍ଠାର ତତ୍କାଳ ପାସପୋର୍ଟ ପାଇଁ ୪,୦୦୦ ଟଙ୍କା ଜାଗାରେ ୬,୦୦୦ ଟଙ୍କା ଧାର୍ଯ୍ୟ କରାଯାଇଛି। ଏହାଛଡ଼ା ୬୦ ପୃଷ୍ଠାର ପାସପୋର୍ଟ ହଜିଯିବା କିମ୍ବା ନଷ୍ଟ ହୋଇଯିବା କାରଣରୁ ତତ୍କାଳ ପରିବର୍ତ୍ତୀ ପାସପୋର୍ଟ ଲୋଡ଼ୁଥିବା ବ୍ୟକ୍ତିଙ୍କୁ ଏବେ ୫,୫୦୦ ଟଙ୍କା ପରିବର୍ତ୍ତେ ୮,୫୦୦ ଟଙ୍କା ଦେବାକୁ ପଡ଼ିବ। ନାବାଳକ ଆବେଦନକାରୀଙ୍କ ପାଇଁ ମଧ୍ୟ ନୂତନ ଫି' ଲାଗୁ ହୋଇଛି। ୩୬ ପୃଷ୍ଠାବିଶିଷ୍ଟ ନୂତନ କିମ୍ବା ପୁନଃପ୍ରଦାନ ପାସପୋର୍ଟ ଫି' ୧,୦୦୦ ଟଙ୍କାରୁ ବଢ଼ି ୧,୭୫୦ ଟଙ୍କା ହୋଇଥିବା ବେଳେ ତତ୍କାଳ ପାସପୋର୍ଟ ପାଇଁ ୩,୦୦୦ ଟଙ୍କା ସ୍ଥିର କରାଯାଇଛି। ତେବେ ସରକାରଙ୍କ ପକ୍ଷରୁ କିଛି ନିର୍ଦ୍ଦିଷ୍ଟ ବର୍ଗକୁ ଆଶ୍ୱାସନା ମଧ୍ୟ ଦିଆଯାଇଛି। ୮ ବର୍ଷରୁ କମ୍ ବୟସର ଶିଶୁ ଏବଂ ୬୦ ବର୍ଷରୁ ଅଧିକ ବୟସର ବରିଷ୍ଠ ନାଗରିକମାନେ ପ୍ରଥମ ଥର ପାଇଁ ନୂତନ ପାସପୋର୍ଟ ଆବେଦନ କଲାବେଳେ ସେମାନଙ୍କୁ ନିର୍ଦ୍ଧାରିତ ଫି' ଉପରେ ୧୦ ପ୍ରତିଶତ ରିହାତି ପ୍ରଦାନ କରାଯିବ। ଏହି ସାହାଯ୍ୟ କେବଳ ପ୍ରଥମ ଥର ଆବେଦନ କରୁଥିବା ନୂତନ ପାସପୋର୍ଟ କ୍ଷେତ୍ରରେ ହିଁ ଲାଗୁ ହେବ ବୋଲି ସ୍ପଷ୍ଟ କରାଯାଇଛି।

# 'ସେମିକଣ୍ଡକ୍ଟର ଯାତ୍ରାର ଦ୍ୱିତୀୟ ପର୍ଯ୍ୟାୟରେ ଭାରତ'

ନୂଆଦିଲ୍ଲୀ,(ଏଜେନ୍ସି): ନୂଆଦିଲ୍ଲୀ ସ୍ଥିତ 'ଯଶୋଭୂମି କନ୍‌ଭେନ୍‌ସନ୍ ସେଣ୍ଟର'ରେ 'ସେମିକନ୍ ଇଣ୍ଡିଆ ୨୦୨୬'ର ୫ମ ସଂସ୍କରଣ ଆୟୋଜିତ ହେଉଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏହି ପ୍ରଦର୍ଶନୀକୁ ଆନୁଷ୍ଠାନିକ ଭାବେ ଉଦଘାଟନ କରିଛନ୍ତି। ଏହି ଅବସରରେ ମୋଦୀ ନିଜ ସମ୍ବୋଧନରେ କହିଛନ୍ତି ଯେ 'ସେମିକଣ୍ଡକ୍ଟର ଯାତ୍ରାର ଦ୍ୱିତୀୟ ପର୍ଯ୍ୟାୟରେ ପାଦ ଥାପିଛି ଭାରତ। ଯାହା ମାଧ୍ୟମରେ ଭାରତ ଏବେ ପ୍ରାରମ୍ଭିକ ଭିତ୍ତିଭୂମି ନିର୍ମାଣରୁ ବ୍ୟାବସାୟିକ ଚିପ୍ ଉତ୍ପାଦନ ଆଡ଼କୁ ଅଗ୍ରସର ହେଉଛି। ଯେଉଁ କାମ ପାଇଁ ସାଧାରଣତଃ ଗୋଟିଏ ଦଶନ୍ଧି ଲାଗିଥାଏ, ଭାରତ ତାହା ମାତ୍ର ୪ ବର୍ଷରେ ହାସଲ କରିଛି।' ମୋଦୀଙ୍କ କହିବାନୁସାରେ ବିଶ୍ୱସ୍ତରୀୟ ସପ୍ଲାଇ ଚେନ୍‌ରେ ଦେଖାଦେଉଥିବା ଅସ୍ଥିରତାକୁ ଦୃଷ୍ଟିରେ ରଖି ବିଶ୍ୱକୁ ଏକ ବିଶ୍ୱସନୀୟ ଉତ୍ପାଦନ କେନ୍ଦ୍ରର ଆବଶ୍ୟକତା ରହିଛି। ଭାରତ ନିଜକୁ ବିଶ୍ୱର ଏକ ଆସ୍ଥାଭାଜନ ଚିପ୍ ଗନ୍ତବ୍ୟସ୍ଥଳ ଭାବେ ଗଢ଼ିତୋଳୁଛି।

'ସିଲିକନରୁ ସିଷ୍ଟମ୍: ପରିସଂସ୍ଥାର ନିର୍ମାଣ' ବିଷୟବସ୍ତୁ ଉପରେ ଆଧାରିତ ଏହି ୩ ଦିନିଆ ସମ୍ମିଳନୀରେ ବିଶ୍ୱର ପ୍ରମୁଖ ଟେକ୍ନୋଲୋଜି ନେତା, ନୀତି ନିର୍ଦ୍ଧାରକ ଏବଂ ନିବେଶକମାନେ ଏକାଠି ହୋଇଛନ୍ତି। ସେହିପରି ଏହି ସମ୍ମିଳନୀରେ ୩୦୦ଟି ଅନ୍ତର୍ଜାତୀୟ କମ୍ପାନୀ ସମେତ ୬୦୦ରୁ ଅଧିକ ପ୍ରଦର୍ଶକ ଭାଗ ନେଉଛନ୍ତି। ୧୫,୦୦୦ ବର୍ଗ ମିଟର ପରିମିତ ଏହି ପ୍ରଦର୍ଶନୀରେ ୧୫୦ରୁ ଅଧିକ ବକ୍ତା ନିଜର ବକ୍ତବ୍ୟ ରଖିବେ। ଏଥିରେ ୬ଟି ଦେଶ (ଜାପାନ, ଦକ୍ଷିଣ କୋରିଆ, ମଲେସିଆ, ନେଦରଲ୍ୟାଣ୍ଡ, ସିଙ୍ଗାପୁର ଏବଂ ସ୍ୱିଡେନ)ର ସ୍ୱତନ୍ତ୍ର ପାଭିଲିୟନ୍ ଏବଂ ୧୨ଟି ରାଜ୍ୟ ସରକାରଙ୍କ ପାଭିଲିୟନ୍ ସାମିଲ ରହିଛି। ଏତଦ୍‌ବ୍ୟତୀତ ଏହି ପ୍ରଦର୍ଶନୀରେ ଷ୍ଟାର୍ଟଅପ୍, ଛାତ୍ରଛାତ୍ରୀଙ୍କ ପାଇଁ ଦକ୍ଷତା ବିକାଶ ପାଇଁ ହାକାଥନ୍ (ଇଂଜିନିୟରିଂ ପ୍ରତିଯୋଗିତା) ଏବଂ ସେମିକଣ୍ଡକ୍ଟର କ୍ଷେତ୍ରରେ ଦକ୍ଷ ମାନବସମ୍ବଳ ବିକାଶ ପରେ ସ୍ୱତନ୍ତ୍ର ଭାବେ ଧ୍ୟାନ ଦିଆଯାଇଛି। ଏହି କାର୍ଯ୍ୟକ୍ରମରେ ୧.୨୭ ଲକ୍ଷ କୋଟି ଟଙ୍କାର ସେମିକନ୍ ୨.୦ ଯୋଜନା ଉପରେ ଆଲୋକପାତ କରାଯାଇଛି, ଯାହା କେବଳ ଆସେମ୍ବଲି ଏବଂ ଟେଷ୍ଟିଂ ମଧ୍ୟରେ ସୀମିତ ନରହି କଞ୍ଚାମାଲ, ଚିପ୍ ଡିଜାଇନ୍, ଯନ୍ତ୍ରପାତି ନିର୍ମାଣ ଏବଂ ଉଚ୍ଚସ୍ତରୀୟ ଗବେଷଣା ଉପରେ ଧ୍ୟାନ ଦେବ। ବାଲିରୁ ସିଲିକନ୍ ୱାଫର୍, ଚିପ୍ ଏବଂ ସମ୍ପୂର୍ଣ୍ଣ ଇଲେକ୍ଟ୍ରୋନିକ୍ସ ସିଷ୍ଟମ୍ ତିଆରି ହେବାର ଏକ ଜୀବନ୍ତ ପ୍ରଦର୍ଶନୀ ଏଥିରେ ପ୍ରଦର୍ଶିତ ହେବ। ପ୍ରାୟ ୪୦ଟି ମାଇକ୍ରୋ-ଇଲେକ୍ଟ୍ରୋନିକ୍ସ ଷ୍ଟାର୍ଟଅପ୍ ନିଜ ନୂତନ ଜ୍ଞାନକୌଶଳ ପ୍ରଦର୍ଶନ କରିବେ।

### ୬ରେ ପଶ୍ଚିମବଙ୍ଗ ଉପନିର୍ବାଚନ

# ଟିଏମ୍‌ସିର ଦୁଇ ଗୋଷ୍ଠୀଙ୍କୁ ପୃଥକ୍ ନାମ ଓ ନିର୍ବାଚନୀ ଚିହ୍ନ

କୋଲକାତା,(ଏଜେନ୍ସି): ଦିନକ ପୂର୍ବରୁ ତୃଣମୂଳ କଂଗ୍ରେସ (ଟିଏମ୍‌ସି)ର ଦଳୀୟ ଚିହ୍ନ 'ଘାସ ସହ ଦୁଇ ଫୁଲ'କୁ ଫ୍ରିଜ୍ କରିଥିଲେ କେନ୍ଦ୍ର ନିର୍ବାଚନ ଆୟୋଗ। ମୂଳ ଟିଏମ୍‌ସି ଠାରୁ ପୃଥକ୍ ହୋଇ ଅନ୍ୟ ଏକ ଗୋଷ୍ଠୀ ଗଠନ କରିଥିବା ରତ୍ନବ୍ରତ ବାନାର୍ଜୀ ଏବଂ ମୂଳ ଟିଏମ୍‌ସିର ଅଧିକାର ଦର୍ଶାଇଆସୁଥିବା ମମତା ବାନାର୍ଜୀଙ୍କ ମଧ୍ୟରେ ଦଳର ନାମ ଏବଂ ନିର୍ବାଚନୀ ସଂକେତକୁ ନେଇ ବିବାଦ ଜୋର ଧରିବା ମଧ୍ୟରେ ନିର୍ବାଚନ ଆୟୋଗ ଅନ୍ତରୀଣ ବ୍ୟବସ୍ଥା ଅନ୍ତର୍ଗତ ଏପରି ନିଷ୍ପତ୍ତି ନେଇଥିଲେ। ତେବେ ଏହି ନିଷ୍ପତ୍ତିକୁ ୨୪ ଘଣ୍ଟା ନ ବିତୁଣୁ ଅର୍ଥାତ୍ ଶୁକ୍ରବାର ଦିନ ନିର୍ବାଚନ ଆୟୋଗ ଟିଏମ୍‌ସିର ଦୁଇ ଗୋଷ୍ଠୀକୁ ନୂଆ ନୂଆ ନିର୍ବାଚନୀ ଚିହ୍ନ ତଥା ନାମ ପ୍ରଦାନ କରିଛନ୍ତି। ମମତା ବାନାର୍ଜୀଙ୍କ ନେତୃତ୍ୱାଧୀନ ଗୋଷ୍ଠୀକୁ 'ମମତା ଅଲ୍ ଇଣ୍ଡିଆ ତୃଣମୂଳ କଂଗ୍ରେସ'ର ନାମ ଦିଆଯାଇଥିବା ବେଳେ ନିର୍ବାଚନୀ ଚିହ୍ନ 'ଫୁଟବଲ୍ ଖେଳାଳି' ପ୍ରଦାନ କରିଛନ୍ତି ନିର୍ବାଚନ ଆୟୋଗ। ସେହିପରି ଟିଏମ୍‌ସିର ବିଦ୍ରୋହୀ ଗୋଷ୍ଠୀକୁ 'ଡେମୋକ୍ରାଟିକ୍ ତୃଣମୂଳ କଂଗ୍ରେସ'ର ନାମ ମିଳିଥିବା ବେଳେ ନିର୍ବାଚନୀ ସଂକେତ ଭାବେ 'ଲଫାଫା' ଚିହ୍ନ ମିଳିଛି। ତେବେ ଏହି ନିର୍ବାଚନୀ ସଂକେତ କେବଳ ସ୍ୱଳ୍ପ ସମୟ ପାଇଁ। ମୂଳ ନାମ ଏବଂ ଚିହ୍ନ ଉପରେ କେନ୍ଦ୍ର ନିର୍ବାଚନ ଆୟୋଗ ଚୂଡ଼ାନ୍ତ ନିଷ୍ପତ୍ତି ଆସିବା ବାକି ଅଛି। ମୋଟାମୋଟି ବର୍ତ୍ତମାନ ଉଭୟ ଗୋଷ୍ଠୀ ନୂଆ ଦଳୀୟ ନାମ ଏବଂ ସିମ୍ବଲରେ ଉପ-ନିର୍ବାଚନ ଲଢ଼ିବେ।

ଆସନ୍ତା ମାସ ୬ ତାରିଖରେ ରାଜ୍ୟର ଦୁଇଟି ଆସନ ନନ୍ଦୀଗ୍ରାମ ଏବଂ ରେଜିନଗରରେ ଉପନିର୍ବାଚନ ଅନୁଷ୍ଠିତ ହେବ। ଅର୍ଥାତ୍ ଉପନିର୍ବାଚନକୁ ଆଉ ମାତ୍ର ୧୭ ଦିନ ବାକି ରହିଥିବା ବେଳେ ଟିଏମ୍‌ସିର ଉଭୟ ଗୋଷ୍ଠୀଙ୍କୁ ନୂଆ ନାମ ଏବଂ ନିର୍ବାଚନୀ ସଂକେତ ମିଳିଛି। ଏହାକୁ ପାଥେୟ କରି ଉଭୟ ଗୋଷ୍ଠୀ ନିଜ ନିଜ ପ୍ରାର୍ଥୀ ଦେବେ। ୨୦୨୬ ବିଧାନସଭା ନିର୍ବାଚନରେ ଶୁଭେନ୍ଦୁ ଅଧିକାରୀ ଉଭୟ ନନ୍ଦୀଗ୍ରାମ ଏବଂ ଭବାନୀପୁର ଆସନରୁ ବିଜୟୀ ହୋଇଥିଲେ ମଧ୍ୟ ପରେ ନିୟମ ଅନୁସାରେ ନନ୍ଦୀଗ୍ରାମ ଆସନ ଛାଡ଼ିଥିଲେ। ଫଳରେ ଏହି ଆସନ ଖାଲି ପଡ଼ିଥିଲା। ସେହିପରି ରେଜିନଗର ଆସନରେ ଟିଏମ୍‌ସି ପ୍ରାର୍ଥୀ ହୁମାୟୁନ୍ କବୀର ଓହରିଯିବାରୁ ଏହି ଆସନ ଖାଲି ପଡ଼ିଥିଲା। ଏହି ଦୁଇ ଆସନରେ ବିଧାୟକ ଚୟନ କରିବାକୁ ନିର୍ବାଚନ ଆୟୋଗ ଏହି ଉପନିର୍ବାଚନ କରାଉଛନ୍ତି।

ସୂଚନାଯୋଗ୍ୟ, ଉପନିର୍ବାଚନ ହେବାକୁ ଥିବା ପଶ୍ଚିମବଙ୍ଗର ଦୁଇ ବିଧାନସଭା ଆସନ ନନ୍ଦୀଗ୍ରାମ ଏବଂ ରେଜିନଗର ପାଇଁ ଟିଏମ୍‌ସିର ଉଭୟ ଗୋଷ୍ଠୀ ପ୍ରାର୍ଥୀ ଦେଇସାରିଛନ୍ତି। ରତ୍ନବ୍ରତ ବାନାର୍ଜୀଙ୍କ ନେତୃତ୍ୱାଧୀନ ବିଦ୍ରୋହୀ ଟିଏମ୍‌ସି ଗୋଷ୍ଠୀରୁ ମହମ୍ମଦ ଏତେଶାମୁଲ ହକ୍ ନନ୍ଦୀଗ୍ରାମରୁ ଏବଂ ସଫିଉଦ୍ଦିନ୍ ଶେଖ୍ ରେଜିନଗରରୁ ନିର୍ବାଚନ ଲଢ଼ିବେ। ଅନ୍ୟପଟେ, ମମତା ବାନାର୍ଜୀଙ୍କ ଗୋଷ୍ଠୀ ପକ୍ଷରୁ ନନ୍ଦୀଗ୍ରାମରୁ ସଞ୍ଜିତା ପ୍ରଧାନ (ଦେ) ଏବଂ ରେଜିନଗରରୁ ରବିଉଲ ଆଲମ୍ ଚୌଧୁରୀଙ୍କୁ ପ୍ରାର୍ଥୀ ଘୋଷଣା କରିଥିଲା। କିନ୍ତୁ ଶେଷ ମୁହୂର୍ତ୍ତରେ ସଞ୍ଜିତା ପ୍ରଧାନ ଶୁକ୍ରବାର ଦିନ ନିଜର ନାମ ପ୍ରତ୍ୟାହାର କରିନେଇଛନ୍ତି। ସଞ୍ଜିତା ମୁଖ୍ୟମନ୍ତ୍ରୀ ଶୁଭେନ୍ଦୁ ଅଧିକାରୀଙ୍କୁ ତାଙ୍କ ବାସଭବନରେ ଭେଟିବା ପରେ ହିଁ ନିଜ ନାମ ପ୍ରତ୍ୟାହାର କରିଥିଲେ। ଅନ୍ୟପକ୍ଷେ ମମତା ବାନାର୍ଜୀ ଏବେ ବାଧ୍ୟହୋଇ ଏହି ଆସନ ପାଇଁ କଂଗ୍ରେସ ପ୍ରାର୍ଥୀ ମିଲନ୍ ପ୍ରଧାନଙ୍କୁ ସମର୍ଥନ କରିବେ ବୋଲି ଘୋଷଣା କରିଛନ୍ତି। ତେବେ ମମତାଙ୍କ ପକ୍ଷରୁ ମିଲନ୍ ପ୍ରଧାନଙ୍କୁ ସମର୍ଥନ ଘୋଷଣାର କିଛି ସମୟ ମଧ୍ୟରେ ପଶ୍ଚିମବଙ୍ଗ ପୁଲିସ୍ ତାଙ୍କୁ ଗିରଫ କରିଥିବା ସୂଚନା ମିଳିଛି।

ଜାତୀୟ ଚେତନା
JATIYA CHETANA



## ସଙ୍କେତ ଦେଲେ ଛତିଶଗଡ଼ ମୁଖ୍ୟମନ୍ତ୍ରୀ

# ଫିଟିବ ମହାନଦୀ ଜଳ ବିବାଦର ରାସ୍ତା



ଭୁବନେଶ୍ୱର,(ଜା.ପ୍ର): ଫିଟିବ ମହାନଦୀ ଜଳ ବିବାଦର ରାସ୍ତା। କାରଣ ଦୁଇ ଦିନିଆ ଓଡ଼ିଶା ଗସ୍ତରେ ଆସିଥିବା ଛତିଶଗଡ଼ ମୁଖ୍ୟମନ୍ତ୍ରୀ ବିଷ୍ଣୁଦେଓ ସାଏ ଏହି ସଙ୍କେତ ଦେଇଛନ୍ତି। ଏହା ଆଉ ବିବାଦ ହୋଇ ନାହିଁ ବୋଲି ଶ୍ରୀ ସାଏ କହିଛନ୍ତି। ଯାହାକୁ ନେଇ ବଢିଛି ଚର୍ଚ୍ଚା। ଶ୍ରୀ ସାଏ କହିଛନ୍ତି ଯେ ମହାନଦୀକୁ ନେଇ କୌଣସି ପ୍ରକାର ଜଳ ବିବାଦ ନାହିଁ। ଦିଲ୍ଲୀରେ ଦୁଇ ରାଜ୍ୟର ମୁଖ୍ୟମନ୍ତ୍ରୀଙ୍କ ମଧ୍ୟରେ ଆଲୋଚନା ହୋଇ ସାରିଛି। ନିଷ୍ପତ୍ତି ପାଇଁ ଉଭୟ ରାଜ୍ୟ ସିଡବ୍ଲ୍ୟୁସିକୁ ସହମତି ଜଣାଇ ସାରିଛନ୍ତି। ସିଡବ୍ଲ୍ୟୁସି ଯାହା ନିଷ୍ପତ୍ତି ନେବ ତାକୁ ଉଭୟ ରାଜ୍ୟ ମାନିବୁ ବୋଲି ଛତିଶଗଡ଼ ମୁଖ୍ୟମନ୍ତ୍ରୀ ଶ୍ରୀ ସାଏ କହିଛନ୍ତି। ସେହିପରି ବିଜେପି ସରକାର ଆସିବା ପରେ ଯେଉଁ ସବୁ ରାଜ୍ୟରେ ଜଳ ବିବାଦ ଥିଲା ତାର ସମାଧାନ ହେଉଛି। ଓଡ଼ିଶାରେ ବିଜେପି, ଛତିଶଗଡ଼ରେ ବିଜେପି, କେନ୍ଦ୍ରରେ ଏନଡିଏ ସରକାର ଅଛି। ତେଣୁ ଖୁବ ଶୀଘ୍ର ମହାନଦୀ ବିବାଦର ସମାଧାନ ହେବାକୁ ଯାଉଛି ବୋଲି ଭୁବନେଶ୍ୱର ବିମାନବନ୍ଦରରେ ପହଞ୍ଚିବା ପରେ ଗଣମାଧ୍ୟମକୁ ବିଷ୍ଣୁଦେବ ସାଏ କହିଛନ୍ତି। ରବିବାର ସକାଳେ ଭୁବନେଶ୍ୱରରେ ପହଞ୍ଚିଥିଲେ ଛତିଶଗଡ଼ ମୁଖ୍ୟମନ୍ତ୍ରୀ । ବିମାନବନ୍ଦରରୁ ବାହାରି ସେ ସିଧା ଓଡ଼ିଶା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ବାସଭବନକୁ ଯାଇଥିଲେ। ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀଙ୍କ ସହ ବିଷ୍ଣୁଦେଓ ସାଏ ପ୍ରାୟ ଏକ ଘଣ୍ଟା ଧରି ୱାନ୍ ଟୁ ୱାନ୍ ଆଲୋଚନା କରିଛନ୍ତି। ଏହି ବୈଠକରେ ମହାନଦୀ ଜଳ ବିବାଦ ସମେତ ଦୁଇ ରାଜ୍ୟର ସ୍ୱାର୍ଥ ସମ୍ପର୍କିତ ବିଭିନ୍ନ ପ୍ରସଙ୍ଗ ନେଇ ଆଲୋଚନା ହୋଇଥିବା ବୋଲି ଚର୍ଚ୍ଚା ହେଉଛି।

ଓଡ଼ିଶାର ଲାଇଫଲାଇନ୍ ହେଉଛି ମହାନଦୀ। ଆଉ ଏହି ଜୀବନରେଖାକୁ ନେଇ ଦୁଇ ପଡ଼ୋଶୀ ରାଜ୍ୟ ମଧ୍ୟରେ ଦୀର୍ଘ ବର୍ଷର ଟଣାଓଟରା। କିନ୍ତୁ ଏବେ ଚିତ୍ର ବଦଳୁଛି। ବିବାଦର ମଞ୍ଚରୁ ଆଲୋଚନାର ଟେବୁଲକୁ ଆସିଛନ୍ତି ଦୁଇ ରାଜ୍ୟ। ଭୁବନେଶ୍ୱରରେ ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କୁ ବିଷ୍ଣୁ ଦେଓ ସାଏ ଭେଟିବା ପରେ ଆଶା ବଢିଛି। କାରଣ ଏହି ବିବାଦ ଆଜିର ନୁହେଁ। ୨୦୧୬ରେ ଛତିଶଗଡ଼ର ଉପରମୁଣ୍ଡ ପ୍ରକଳ୍ପଗୁଡ଼ିକୁ ନେଇ ଆପତ୍ତି ଉଠାଇଥିଲା ଓଡ଼ିଶା। ତେବେ ଆଲୋଚନାରେ ସମାଧାନ ନହେବା ପରେ ଆଇନଗତ ପ୍ରକ୍ରିୟା ଆଗକୁ ବଢ଼ିଥିଲା। ୨୦୧୮ରେ ଗଠନ ହୋଇଥିଲା ମହାନଦୀ ୱାଟର୍ ଡିସପ୍ୟୁଟ୍ସ ଟ୍ରିବ୍ୟୁନାଲ। ସେବେଠାରୁ ଆଇନର ଲଢ଼େଇ ଚାଲିଛି। ଟ୍ରିବ୍ୟୁନାଲରେ ମାମଲା ଚାଲିଥିବା ବେଳେ ସମାନ୍ତରାଳ ଭାବେ ବୈଷୟିକ ଆଲୋଚନାକୁ ମଧ୍ୟ ଗୁରୁତ୍ୱ ଦିଆଯାଉଛି। ଆସନ୍ତାକାଲି ଅର୍ଥାତ ସୋମବାର ସିଡବ୍ଲ୍ୟୁସି ଅଧ୍ୟକ୍ଷଙ୍କ ଅଧ୍ୟକ୍ଷତାରେ ଉଭୟ ରାଜ୍ୟର ବୈଷୟିକ ଟିମ୍ ଆଲୋଚନା କରିବେ। ସେପ୍ଟେମ୍ବର ୨୮ରେ ମହାନଦୀ ଜଳ ବିବାଦ ମାମଲାର ପରବର୍ତ୍ତୀ ଟ୍ରିବ୍ୟୁନାଲର ଶୁଣାଣି ରହିଛି। ଏହା ପୂର୍ବରୁ ଦୁଇ ରାଜ୍ୟ ମଧ୍ୟରେ ଆଲୋଚନା ଓ ବୈଷୟିକ ତଥ୍ୟ ଆଧାରରେ ସମାଧାନର ରାସ୍ତା ଖୋଜାଯାଉଛି। ଅନ୍ୟପଟେ ଦୁଇ ରାଜ୍ୟ ର ମୁଖିଆଙ୍କ ଆଲୋଚନାକୁ ନେଇ ରାଜ୍ୟ ରାଜନୀତି ବି ଜୋର୍ ଧରିଛି। ଗତ ଜୁଲାଇ ୩୦ରେ କେନ୍ଦ୍ରୀୟ ଜଳଶକ୍ତି ମନ୍ତ୍ରୀ ସି.ଆର. ପାଟିଲଙ୍କ ଅଧ୍ୟକ୍ଷତାରେ ଓଡ଼ିଶା ଓ ଛତିଶଗଡ଼ ମୁଖ୍ୟମନ୍ତ୍ରୀଙ୍କ ବୈଠକ ହୋଇଥିଲା। କେନ୍ଦ୍ରର ସୂଚନା ଅନୁସାରେ ଉଭୟ ରାଜ୍ୟ ଆଲୋଚନା, ବୈଷୟିକ ସହଯୋଗ ଓ ସମନ୍ୱୟ ମାଧ୍ୟମରେ ସମାଧାନ ଦିଗରେ ଆଗକୁ ବଢ଼ିବା ନେଇ ଇଚ୍ଛା ପ୍ରକାଶ କରିଥିଲେ। ଏହାରି ଭିତରେ ପୁଣି ଦୁଇ ରାଜ୍ୟର ମୁଖ୍ୟମନ୍ତ୍ରୀଙ୍କ ବୈଠକ। ମହାନଦୀ ଜଳ ବିବାଦରେ ଏଥର ସମାଧାନର ସୂତ୍ର କେତେ ଶୀଘ୍ର ବାହାରୁଛି ତାକୁ ଅପେକ୍ଷା।

## ଓଡ଼ିଶା ସାମୁଦ୍ରିକ ବୋର୍ଡର ସପ୍ତମ ବୈଠକ, ସାମୁଦ୍ରିକ ପ୍ରକଳ୍ପର ଅଗ୍ରଗତି ସମ୍ପର୍କରେ ଆଲୋଚନା

ଭୁବନେଶ୍ୱର,(ଜା.ପ୍ର): ମୁଖ୍ୟ ଶାସନ ସଚିବ ଅନୁ ଗର୍ଗଙ୍କ ଅଧ୍ୟକ୍ଷତାରେ ଓଡ଼ିଶା ସାମୁଦ୍ରିକ ବୋର୍ଡ( ଓଡ଼ିଶା ମେରିଟାଇମ ବୋର୍ଡ)ର ସପ୍ତମ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ରାଜ୍ୟର ସାମୁଦ୍ରିକ କ୍ଷେତ୍ରର ସମନ୍ୱିତ ବିକାଶ, ବନ୍ଦର ଭିତ୍ତିଭୂମିର ସମ୍ପ୍ରସାରଣ, ଜଳପଥ ଯୋଗାଯୋଗ ଏବଂ ବିଭିନ୍ନ ସାମୁଦ୍ରିକ ପ୍ରକଳ୍ପର ଅଗ୍ରଗତି ସମ୍ପର୍କରେ ବିସ୍ତୃତ ଆଲୋଚନା ହୋଇଥିଲା। ବୋର୍ଡର ଅନୁଷ୍ଠିତ ଗତ ୬ଷ୍ଠ ବୈଠକର କାର୍ଯ୍ୟାନୁଷ୍ଠାନ ସଂପର୍କରେ ସମୀକ୍ଷା ସହ ବୋର୍ଡର ପୁନର୍ଗଠନ, ମାନବ ସମ୍ବଳ ସୁଦୃଢ଼ୀକରଣ, ବନ୍ଦର ବିକାଶ ଓ ପ୍ରମୁଖ ସାମୁଦ୍ରିକ ପ୍ରକଳ୍ପ ସମ୍ପର୍କିତ ବିଷୟ ଏହି ବୈଠକର ଆଲୋଚନା କରାଯାଇଥିଲା। ବୈଠକରେ ବନ୍ଦର ଓ ଅନ୍ତର୍ଦେଶୀୟ ଜଳପଥ ପରିବହନ ନିର୍ଦ୍ଦେଶାଳୟକୁ ଓଡ଼ିଶା ସାମୁଦ୍ରିକ ବୋର୍ଡ ସହ ମିଶ୍ରଣ ଏବଂ ଏହା ଫଳରେ ବୋର୍ଡର କାର୍ଯ୍ୟକୁ ଅଧିକ ସୁସଂଗଠିତ କରିବା ପାଇଁ ନୂତନ ସାଂଗଠନିକ ବ୍ୟବସ୍ଥା ଉପରେ ଆଲୋଚନା ହୋଇଥିଲା। ମୁଖ୍ୟ ପରିଚାଳନା ଅଧିକାରୀଙ୍କ ଦାୟିତ୍ୱ ଓ କାର୍ଯ୍ୟ ପରିସର ଏବଂ ବୋର୍ଡର ଆବଶ୍ୟକ ମାନବ ସମ୍ବଳ ସମ୍ପର୍କିତ ପ୍ରସ୍ତାବ ଉପରେ ମଧ୍ୟ ବିଚାର ବିମର୍ଶ କରାଯାଇଛି। କେନ୍ଦ୍ରାପଡ଼ା ଜିଲ୍ଲାର ମହାକାଳପଡ଼ାରେ ପ୍ରସ୍ତାବିତ ବୃହତ୍ ଜାହାଜ ନିର୍ମାଣ କ୍ଲଷ୍ଟରର ଅଗ୍ରଗତି ସମ୍ପର୍କରେ ବୈଠକରେ ସମୀକ୍ଷା କରାଯାଇଛି। ଗୋପାଳପୁର ବନ୍ଦର ସମ୍ପର୍କିତ ବିଭିନ୍ନ ପ୍ରସଙ୍ଗ ଉପରେ ମଧ୍ୟ ବୈଠକରେ ଆଲୋଚନା ହୋଇଛି। ବନ୍ଦରର ବୃଦ୍ଧି ପାଉଥିବା ମାଲ ପରିବହନକୁ ଦୃଷ୍ଟିରେ ରଖି ଛତ୍ରପୁର ନିକଟ ଜାତୀୟ ରାଜପଥ-୧୬ରୁ ଗୋପାଳପୁର ବନ୍ଦର ପର୍ଯ୍ୟନ୍ତ ପ୍ରାୟ ୪.୫ କିଲୋମିଟର ଦୀର୍ଘ ୪-ଲେନ୍ ସବୁଜ କ୍ଷେତ୍ର ସଡ଼କ ନିର୍ମାଣ ସମ୍ପର୍କିତ ପ୍ରସ୍ତାବ ଉପରେ ବିଚାର କରାଯାଇଛି। ଏହି ସଡ଼କ ବିକାଶ କାର୍ଯ୍ୟକୁ ଭାରତୀୟ ଜାତୀୟ ରାଜପଥ ପ୍ରାଧିକରଣ, ରାଜ୍ୟ ସରକାରଙ୍କ ପୂର୍ତ୍ତ ବିଭାଗ ଓ ଗୋପାଳପୁର ବନ୍ଦର କର୍ତ୍ତୃପକ୍ଷଙ୍କ ମିଳିତ ସହଯୋଗରେ କରାଯିବା ପ୍ରସ୍ତାବ ରହିଛି। ଧାମରା ଓ ଗୋପାଳପୁର ବନ୍ଦରରେ କଣ୍ଟେନର ଟର୍ମିନାଲ ବିକାଶ ସମ୍ପର୍କରେ ବୈଠକରେ ଗୁରୁତ୍ୱ ଦିଆଯାଇଛି। ରପ୍ତାନି-ଆମଦାନୀ ବାଣିଜ୍ୟକୁ ସୁଗମ କରିବା ସହ ମାଲ ପରିବହନ କ୍ଷମତା ବୃଦ୍ଧି ପାଇଁ କଣ୍ଟେନର ଟର୍ମିନାଲ ସହ କଣ୍ଟେନର ମାଲ ଗୋଦାମ, ଶୁଳ୍କ ବିଭାଗ ଅଧୀନ ଅଞ୍ଚଳ ଓ ବହୁମୁଖୀ ମାଲ ପରିବହନ କେନ୍ଦ୍ର ପାଇଁ ଆବଶ୍ୟକ ଜମି ଚିହ୍ନଟ କରାଯିବ। ପୁରୀ ନିକଟରେ ପ୍ରସ୍ତାବିତ ଅନ୍ତର୍ଜାତୀୟ କ୍ରୁଜ୍ ଟର୍ମିନାଲର ଅଗ୍ରଗତି ମଧ୍ୟ ସମୀକ୍ଷା କରାଯାଇଛି। ରାଜ୍ୟର ବିଭିନ୍ନ ବନ୍ଦର ଓ ପ୍ରସ୍ତାବିତ ସାମୁଦ୍ରିକ ପ୍ରକଳ୍ପ ନିକଟରେ ଥିବା ସମୁଦ୍ର ଦ୍ୱାରା ସୃଷ୍ଟ ନୂତନ ଜମିର ସର୍ବେକ୍ଷଣ ଓ ଚିହ୍ନଟ ପାଇଁ ଜିଆଇଏସ୍ ଆଧାରିତ ମାନଚିତ୍ର ପ୍ରସ୍ତୁତି ଏବଂ ଏକ ରଣନୈତିକ ସାମୁଦ୍ରିକ ଜମି ବ୍ୟାଙ୍କ ଗଠନ ସମ୍ପର୍କିତ ପ୍ରସ୍ତାବ ଉପରେ ମଧ୍ୟ ବିଚାର କରାଯାଇଛି। ବୈଠକରେ ରାଜ୍ୟର ସାମୁଦ୍ରିକ ସମ୍ପଦର ସୁଚିନ୍ତିତ ବ୍ୟବହାର, ବନ୍ଦର ଭିତ୍ତିଭୂମିର ସମ୍ପ୍ରସାରଣ, ଜାହାଜ ନିର୍ମାଣ, ମାଲ ପରିବହନ ଓ କ୍ରୁଜ୍ ପର୍ଯ୍ୟଟନର ବିକାଶ ମାଧ୍ୟମରେ ଓଡ଼ିଶାର ସାମୁଦ୍ରିକ ଅର୍ଥନୀତିକୁ ଆହୁରି ସୁଦୃଢ଼ କରିବା ଦିଗରେ ସମନ୍ୱିତ ପଦକ୍ଷେପ ଉପରେ ଗୁରୁତ୍ୱ ଦିଆଯାଇଛି।

ବୈଠକରେ ମୁଖ୍ୟ ଶାସନ ସଚିବଙ୍କ ସହ ଅତିରିକ୍ତ ମୁଖ୍ୟ ଶାସନ ସଚିବ, ଶିଳ୍ପ,ଗୃହ ଏବଂ ସୂଚନା ଓ ଲୋକ ସମ୍ପର୍କ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା, ଜଳ ସଂପଦ ବିଭାଗ ପ୍ରମୁଖ ଶାସନ ସଚିବ ଶୁଭା ଶର୍ମା, ବାଣିଜ୍ୟ ଓ ପରିବହନ ବିଭାଗ ପ୍ରମୁଖ ଶାସନ ସଚିବ ଏନ୍.ବି.ଏସ୍ ରାଜପୁତ , ପର୍ଯ୍ୟଟନ ବିଭାଗର କମିଶନର ତଥା ଶାସନ ସଚିବ ବଲୱନ୍ତ ସିଂ, ଆଇନ ବିଭାଗ ପ୍ରମୁଖ ଶାସନ ସଚିବ ଡଃ. ପବିତ୍ର ମୋହନ ସାମଲଙ୍କ ସମେତ ବୋର୍ଡର ଅନ୍ୟ ସଦସ୍ୟ ଏବଂ ସମ୍ପୃକ୍ତ ବିଭାଗର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

## କଫ୍ ସିରପ୍ ମାଫିଆକୁ ଏନ୍‌କାଉଣ୍ଟର, ମିଳିଲା ଦେଶୀ ପିସ୍ତଲ ସହ ୭ ଖାଲି କ୍ୟାଟ୍ରିଜ୍

ଭୁବନେଶ୍ୱର,(ଜା.ପ୍ର): ସମ୍ବଲପୁର ରେଙ୍ଗାଲିରେ କଫ୍ ସିରପ୍ ମାଫିଆକୁ ପୁଲିସ ଏନକାଉଣ୍ଟର କରିଛି। ରେଙ୍ଗାଲି ଜଙ୍ଗଲା-ପାଣ୍ଡୋଲୋଇ ରାସ୍ତାରେ ଏନକାଉଣ୍ଟର ହୋଇଛି। ପୁଲିସ ଗୁଳିରେ ଅଭିଯୁକ୍ତ ପ୍ରିତମ ବିଶ୍ୱାଳ ଆହତ ହୋଇଛି। 'ନିଶା ମୁକ୍ତ ଓଡ଼ିଶା' ଅଭିଯାନ ଅଧୀନରେ ସମ୍ବଲପୁର ପୁଲିସର ଏହି କାର୍ଯ୍ୟାନୁଷ୍ଠାନରେ ବିପୁଳ ପରିମାଣର କଫ୍ ସିରପ୍, ଏକ ପିସ୍ତଲ ଓ ଦୁଇଟି କାର୍ ଜବତ ହୋଇଛି।

ପ୍ରକାଶ ଯେ କଟକ ପଟୁ ଦୁଇଟି ଗାଡ଼ିରେ ଜଙ୍ଗଲ ରାସ୍ତା ଦେଇ କାତରବଗା-ଠେଲକୋଲି ଅଞ୍ଚଳକୁ ବିପୁଳ ପରିମାଣର କଫ୍ ସିରପ୍ ଚାଲାଣ ହେଉଥିବା ନେଇ ସମ୍ବଲପୁର ପୁଲିସକୁ ସୂଚନା ମିଳିଥିଲା। ଏହି ସୂଚନା ଆଧାରରେ ଜଙ୍ଗଲା ଗାଁକୁ ଯାଇ ଜଙ୍ଗଲା-ପାଣ୍ଡୋଲୋଇ ରାସ୍ତାରେ ପୁଲିସ ଯାଞ୍ଚ ଆରମ୍ଭ କରିଥିଲା। ରବିବାର ସକାଳ ପ୍ରାୟ ୬ଟା ୧୫ରେ ଜଙ୍ଗଲା ପଟୁ ଆସୁଥିବା ଓଡି-୧୫-ଏଚ-୧୪୩୨ ନମ୍ବର ବିଶିଷ୍ଟ ଗାଡ଼ିକୁ ପୁଲିସ ଅଟକାଇ ଡ୍ରାଇଭର ଆଶୁତୋଷ ମେଣ୍ଡାଲିଙ୍କୁ ଧରିଥିଲା। ତେବେ ଗାଡ଼ିରେ ଥିବା ଆଉ ଜଣେ ବ୍ୟକ୍ତି ନିକଟସ୍ଥ ଜଙ୍ଗଲକୁ ଦୌଡ଼ି ପଳାଇଥିଲେ। ଏହା ପଛରେ ଆସୁଥିବା ନମ୍ବର ବିହୀନ ଏକ ଏର୍ଟିଗା ଗାଡ଼ି ଦ୍ରୁତ ଗତିରେ ଆସି ନିୟନ୍ତ୍ରଣ ହରାଇ ରାସ୍ତାକଡ଼ରେ ଥିବା ଗଛରେ ପିଟି ହୋଇଥିଲା। ପୁଲିସ ସେହି ଗାଡ଼ି ନିକଟକୁ ଯିବା ପରେ ଏହାର ଡ୍ରାଇଭର ପ୍ରୀତମ ବିଶ୍ୱାଳ ଦୌଡ଼ି ପଳାଇବାକୁ ଚେଷ୍ଟା କରିଥିଲା। ପୁଲିସର ସୂଚନା ଅନୁସାରେ, ପିଛା କରିବା ସମୟରେ ପ୍ରୀତମ ପୁଲିସ କର୍ମଚାରୀଙ୍କ ଉପରକୁ ଗୁଳି ଚଳାଇଥିଲା। ପୁଲିସ ତାଙ୍କୁ ସତର୍କ କରିବା ସତ୍ତ୍ୱେ ସେ ମାନି ନଥିଲା। ସେ ପୁଣି ଗୁଳି ଚଳାଇଥିଲା। ଏହା ପରେ ଆତ୍ମରକ୍ଷା ପାଇଁ ପୁଲିସ ଗୁଳି ଚଳାଇଥିଲା। ଅଭିଯୁକ୍ତ ପ୍ରୀତମ ବିଶ୍ୱାଳ ୪ ରାଉଣ୍ଡ ଗୁଳି ଚଳାଇଥିବା ବେଳେ ପୁଲିସ ପକ୍ଷରୁ ୩ ରାଉଣ୍ଡ ଗୁଳି ଚଳାଯାଇଥିଲା।ଏହି ଗୁଳି ବିନିମୟ ବେଳେ ପ୍ରୀତମର ଡାହାଣ ଗୋଡ଼ରେ ଗୁଳି ବାଜିଥିଲା। ତାକୁ ରେଙ୍ଗାଲି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ନିଆଯାଇ ଚିକିତ୍ସା କରାଯାଇଥିଲା। ନମ୍ବର ବିହୀନ ଏର୍ଟିଗା ଗାଡ଼ିରୁ ୨୦ ପେଟି କୋଡିନ୍ ଭିତ୍ତିକ କଫ୍ ସିରପ୍ ଜବତ ହୋଇଛି। ସେହିପରି ଓଡି-୧୫-ଏଚ-୧୪୩୨ ନମ୍ବର ଗାଡ଼ିରୁ ଆଉ ୪ ପେଟି କଫ୍ ସିରପ୍ ଜବତ କରିଛି ପୁଲିସ। ଏହାସହିତ ଗୋଟିଏ ଦେଶୀ ୯ ଏମ୍ଏମ୍ ପିସ୍ତଲ ଓ ୭ଟି ଖାଲି କ୍ୟାଟ୍ରିଜ୍ ଜବତ କରାଯାଇଛି। ଏହି କଫ୍ ସିରଫ କେଉଁଠାରୁ ଆସିଥିଲା, କେଉଁଠାକୁ ଯାଉଥିଲା, ଏହି ନେଟୱର୍କରେ ଆଉ କେଉଁମାନେ ସାମିଲ ଅଛନ୍ତି, ସେନେଇ ତଦନ୍ତ ଜାରି ରଖିଛି ପୁଲିସ। ସେହିପରି ଫେରାର ହୋଇଯାଇଥିବା ବ୍ୟକ୍ତିଙ୍କୁ ଚିହ୍ନଟ କରିବା ସହ ସମ୍ପୃକ୍ତ ଅନ୍ୟ ବ୍ୟକ୍ତିମାନଙ୍କୁ ଧରିବା ପାଇଁ ପୁଲିସର ଉଦ୍ୟମ ଜାରି ରହିଛି।

## ପଲିସଙ୍କୁ ମହଙ୍ଗା ପଡ଼ିବ ସୋସିଆଲ୍ ମିଡିଆ ପ୍ରେମ

ଭୁବନେଶ୍ୱର,(ଜା.ପ୍ର): ପୁଲିସ୍ ବାବୁଙ୍କୁ ମହଙ୍ଗା ପଡ଼ିବ ସୋସିଆଲ୍ ମିଡିଆ ପ୍ରେମ। ଡ୍ୟୁଟି ସମୟରେ ରିଲ୍ସ କଲେ ହେବ ଆକ୍ସନ। ଡ୍ୟୁଟିରେ ଥିବା ବେଳେ ମୋବାଇଲ୍ କାଢ଼ି ନିଜ ପାଇଁ ଫଟୋ କିମ୍ବା ଭିଡିଓ ନେଲେ ହେବ କାର୍ଯ୍ୟାନୁଷ୍ଠାନ। ନିକଟ ଅତୀତରେ କିଛି ପୁଲିସ କର୍ମଚାରୀ ସେମାନଙ୍କ ଡ୍ୟୁଟି, ମୁତୟନ, ଏବଂ କାର୍ଯ୍ୟସ୍ଥଳ ସଂପର୍କିତ ଭିଡିଓ ସୋସିଆଲ ମିଡିଆ ଓ ଅନ୍ୟାନ୍ୟ ସାର୍ବଜନୀନ ପ୍ଲାଟଫର୍ମରେ ସେୟାର କରୁଥିବା ଦେଖାଯାଇଛି। କେତେକ କ୍ଷେତ୍ରରେ ଏଭଳି ଭିଡିଓ ଓ ଫଟୋ ଅଜାଣତରେ ସୁରକ୍ଷିତ ପ୍ରତିଷ୍ଠାନଗୁଡ଼ିକର ସମ୍ବେଦନଶୀଳ ତଥ୍ୟ ପ୍ରଘଟ କରିଦେଉଛି। ଯାହା ଭବିଷ୍ୟତରେ ସୁରକ୍ଷା ସଂପର୍କିତ ଚ୍ୟାଲେଞ୍ଜକୁ ବଢ଼ାଇପାରେ। ତାସହ ପଲିସ କର୍ମଚାରୀଙ୍କ ଏଭଳି କାର୍ଯ୍ୟ, ସର୍ଭିସ୍ କୋଡ୍ ଅଫ୍ କଣ୍ଡକ୍ଟକୁ ଉଲ୍ଲଂଘନ କରୁଛି। ଯେଉଁଥି ପାଇଁ ପୁଲିସ କମିଶନର କଡ଼ା ଚେତାବନୀ ଦେଇଛନ୍ତି। କମିଶନରେଟ୍ ପୁଲିସ୍ ପକ୍ଷରୁ ଜାରି ହୋଇଥିବା ନିର୍ଦ୍ଦେଶନାମାରେ ଲୋକ ଭବନ, ଲୋକସେବା ଭବନ, ଲିଙ୍ଗରାଜ ମନ୍ଦିର, ବିଧାନସଭା, ହାଇକୋର୍ଟ, ରିଜର୍ଭ ବ୍ୟାଙ୍କ ଅଫ୍ ଇଣ୍ଡିଆ ଏବଂ ଅନ୍ୟାନ୍ୟ ସମ୍ବେଦନଶୀଳ ପ୍ରତିଷ୍ଠାନରେ ନିୟୋଜିତ ପୁଲିସ କର୍ମଚାରୀମାନେ ଉଚ୍ଚ କର୍ତ୍ତୃପକ୍ଷଙ୍କ ଅନୁମତି ବିନା କୌଣସି ଇଲେକ୍ଟ୍ରୋନିକ୍ ଉପକରଣ ଦ୍ୱାରା ଫଟୋ କି ଭିଡିଓ ଉଠାଇ ପାରିବେ ନାହିଁ। ଡ୍ୟୁଟିରେ ମୁତୟନ ଥିବା ସେଣ୍ଟ୍ରିମାନଙ୍କୁ ମୋବାଇଲ୍ ବ୍ୟବହାର କରିବା ସଂପୂର୍ଣ୍ଣ ଭାବେ ନିଷେଧ କରାଯାଉଛି। ଡ୍ୟୁଟି ସମୟରେ ବ୍ୟକ୍ତିଗତ କାର୍ଯ୍ୟ ପାଇଁ ଫଟୋ ଉଠାଇବା କିମ୍ବା ଭିଡିଓ କରିବା ସହ ଅନେକ ଅଧିକାରୀ ନିଜର କର୍ତ୍ତବ୍ୟ ଭୁଲି ଯାଉଥିବା ଦେଖାଯାଉଛି। ଅନ୍ୟପଟେ ସାଇବର୍ ଅପରାଧୀମାନେ ମଧ୍ୟ ପୁଲିସ କର୍ମଚାରୀଙ୍କ ଏଭଳି ଫଟୋ ଭିଡିଓ ସୋସିଆଲ ମିଡିଆରୁ ସଂଗ୍ରହ କରି ତାର ଅପବ୍ୟବହାର କରୁଥିବା ଜଣାପଡ଼ିଛି। ସମସ୍ତ ଗୁରୁତ୍ୱପୂର୍ଣ୍ଣ ପ୍ରତିଷ୍ଠାନ ଦାୟିତ୍ୱରେ ଥିବା ଇନଚାର୍ଜମାନେ ଏହା ଉପରେ କଡ଼ାକଡ଼ି ନଜର ରଖିବା ସହିତ ଏଭଳି କାର୍ଯ୍ୟ ରୋକିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ପୁଲିସ୍ ଡିଜି ମଧ୍ୟ ଚେତେଇ ଦେଇଛନ୍ତି, ଡ୍ୟୁଟି ସମୟରେ କୌଣସି ପୁଲିସ୍ କର୍ମଚାରୀ ରିଲ୍ସ କରୁଥିବା ନଜରକୁ ଆସିଲେ କଡ଼ା କାର୍ଯ୍ୟାନୁଷ୍ଠାନ ନିଆଯିବ।

## ହାତୀର ଗଳିତ ମୃତଦେହ ଉଦ୍ଧାର

ଭୁବନେଶ୍ୱର,(ଜା.ପ୍ର): ବାଲେଶ୍ୱର ଜିଲ୍ଲା ରାଇବଣିଆ ଥାନା ଅନ୍ତର୍ଗତ ଆମ୍ବତୁମ୍ବା ଜଙ୍ଗଲରୁ ହାତୀର ଗଳିତ ମୃତଦେହ ଉଦ୍ଧାର ହୋଇଛି। ଜଙ୍ଗଲ ଭିତରେ ପ୍ରାୟ ୨୦ ଦିନରୁ ଅଧିକ ସମୟ ଧରି ହାତୀଟି ମୃତ ଅବସ୍ଥାରେ ପଡ଼ିଥିବା ସନ୍ଦେହ କରାଯାଉଛି। ରବିବାର ସକାଳେ ସ୍ଥାନୀୟ ଲୋକେ ଜଙ୍ଗଲ ଭିତରକୁ ଯାଇଥିବା ବେଳେ ମୃତ ହାତୀକୁ ଦେଖି ବନବିଭାଗକୁ ଖବର ଦେଇଥିଲେ। ଖବର ପାଇବା ପରେ ଘଟଣାସ୍ଥଳରେ ବନ ବିଭାଗର ଟିମ୍ ପହଞ୍ଚିଥିଲା। ବନ ବିଭାଗର ବରିଷ୍ଠ ଅଧିକାରୀଙ୍କ ସହ ଡାକ୍ତରୀ ଟିମ୍ ମଧ୍ୟ ଘଟଣାସ୍ଥଳରେ ପହଞ୍ଚି ହାତୀର ମୃତ୍ୟୁର କାରଣ ନେଇ ତଦନ୍ତ ଆରମ୍ଭ କରିଛନ୍ତି। ସୂଚନା ଅନୁସାରେ, ଆମ୍ବତୁମ୍ବା ଜଙ୍ଗଲରେ ପ୍ରାୟ ୧୯ଟି ହାତୀ ରହୁଥିବା ବେଳେ ଗତ ୨୦ ଦିନରୁ ଅଧିକ ସମୟ ଧରି ଗୋଟିଏ ହାତୀର ସନ୍ଧାନ ମିଳୁନଥିଲା। ଜଙ୍ଗଲ ଭିତରେ ହାତୀଟିର ମୃତଦେହ ମିଳିବା ପରେ ବନବିଭାଗର ନଜରଦାରୀ ଓ ହାତୀ ଗଣନା ବ୍ୟବସ୍ଥାକୁ ନେଇ ମଧ୍ୟ ପ୍ରଶ୍ନ ଉଠିଛି। ହାତୀଟିର ମୃତ୍ୟୁ କେମିତି ହେଲା, ତାହା ଏବେ ସବୁଠାରୁ ବଡ଼ ପ୍ରଶ୍ନ।

ଜାତୀୟ ଚେତନା
JATIYA CHETANA



ଜାତୀୟ ଚେତନା
JATIYA CHETANA

# ବିକାଶ ବେଦିରେ ଆଦିବାସୀ ଅସ୍ତିତ୍ୱ

ସ୍ୱାଧୀନତାର ଅମୃତ ମହୋତ୍ସବ ପାଳନ ପରେ ବି ଆମ ଗଣତାନ୍ତ୍ରିକ ବ୍ୟବସ୍ଥାରେ ଆଦିବାସୀ ସମାଜର ମୌଳିକ ଅଧିକାର ଓ ସେମାନଙ୍କ ଅସ୍ତିତ୍ୱକୁ ନେଇ ଗମ୍ଭୀର ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଓଡ଼ିଶାର ବିଭିନ୍ନ ପ୍ରାକୃତିକ ସମ୍ପଦରେ ଭରପୂର ଅଞ୍ଚଳଗୁଡ଼ିକରେ ନିଜର ଆଦିମ ଅସ୍ତିତ୍ୱ, ମାଟି, ପାଣି, ଜଙ୍ଗଲ, ଝରଣା ଓ ପାହାଡ଼ ରକ୍ଷା ପାଇଁ ସଂଗ୍ରାମ କରୁଥିବା ଭୂମିପୁତ୍ରମାନେ ଆଜି ନିଜ ଭିଟାମାଟିରେ ବିପନ୍ନ ଓ ଅସହାୟ ହୋଇପଡ଼ିଛନ୍ତି। ବିକାଶର ରଙ୍ଗୀନ୍ ନାରା ଭିତରେ ବହୁରାଷ୍ଟ୍ରୀୟ ଶିଳ୍ପସଂସ୍ଥା ଓ କମ୍ପାନୀଗୁଡ଼ିକର ସ୍ୱାର୍ଥ ସାଧନ ପାଇଁ ସରକାରୀ ଓ ପ୍ରଶାସନିକ କଳକୁ ବ୍ୟବହାର କରାଯାଇ ଆଦିବାସୀଙ୍କ ଶାନ୍ତିପୂର୍ଣ୍ଣ ଆନ୍ଦୋଳନକୁ ପୁଲିସୀ ବଳ ଏବଂ ଆଇନଗତ କଟକଣା ମାଧ୍ୟମରେ ଦମନ କରିବାକୁ ବ୍ୟାପକ ପ୍ରୟାସ ଚାଲିଥିବା ନଜରକୁ ଆସୁଛି।

ସେପ୍ଟେମ୍ବର ୧୦ ତାରିଖରେ ନିୟମଗିରି ସୁରକ୍ଷା ସମିତିର ଅଗ୍ରଣୀ ନେତା ଲଦ ସିକୋକା ଦୁଇଟି ପୁରୁଣା ମାମଲାରେ ଲାଞ୍ଜିଗଡ଼ କୋର୍ଟରୁ ଜାମିନ ପାଇ ଘରକୁ ଫେରୁଥିବା ସମୟରେ, ସଶସ୍ତ୍ର ପୁଲିସ ତାଙ୍କୁ ପୁନର୍ବାର ଆଉ ଏକ ପୁରୁଣା କେସ୍ ଆଢୁଆଳରେ ଗିରଫ କରି ଜେଲ ପଠାଇ ଦେଇଛି। ଜାମିନ ମିଳିବା ମାତ୍ରକେ ହଠାତ୍ ଅନ୍ୟ ଏକ ମାମଲା ସାମ୍ନାକୁ ଆଣି ଗିରଫ କରିବାର ଏହି ଶୈଳୀ ପ୍ରଶାସନର ପ୍ରୟୋଜିତ ଓ ପୂର୍ବନିର୍ଦ୍ଧାରିତ ମନୋଭାବକୁ ସ୍ପଷ୍ଟ କରୁଛି। ଲଦ ସିକୋକାଙ୍କ ନାମରେ ଦେଶଦ୍ରୋହ ଓ ଦେଶ ବିରୋଧରେ ଯୁଦ୍ଧ ଘୋଷଣା ଭଳି ୧୧ଟି ଗୁରୁତର ଅଭିଯୋଗ ଲଗାଯାଇଛି। ନିଜ ଗାଁ, ଜଙ୍ଗଲ, ପରିବେଶ ଓ ପାହାଡ଼କୁ କମ୍ପାନୀ କବଳରୁ ରକ୍ଷା କରିବା ପାଇଁ ଶାନ୍ତିପୂର୍ଣ୍ଣ ଓ ଗଣତାନ୍ତ୍ରିକ ଭାବେ ସଂଗ୍ରାମ କରୁଥିବା ଜଣେ ସାଧାରଣ ଆଦିବାସୀକୁ ଦେଶଦ୍ରୋହୀ ଆଖ୍ୟା ଦେଇ ବାରମ୍ବାର ଜେଲ୍‌ରେ ବାନ୍ଧି ରଖିବା ଗଣତନ୍ତ୍ର ପାଇଁ ଏକ ଶୋଚନୀୟ ଚିତ୍ର। ଏହାପୂର୍ବରୁ ଗତ ମାର୍ଚ୍ଚ ମାସରେ ଲାଞ୍ଜିଗଡ଼ ଜେ.ଏଫ୍.ଏମ୍.ସି. ତାଙ୍କୁ ପଳାତକ ଘୋଷଣା କରି ସମ୍ପତ୍ତି ଜବତ ନିର୍ଦ୍ଦେଶ ଦେଇଥିଲେ ମଧ୍ୟ ପରବର୍ତ୍ତୀ ସମୟରେ ଉଚ୍ଚ ନ୍ୟାୟାଳୟ ଏହି ଆଦେଶକୁ ଖାରଜ କରିଦେଇଥିଲେ।

କେବଳ ନିୟମଗିରି ନୁହେଁ, ସିଜିମାଳି ସୁରକ୍ଷା ଲଢ଼େଇର କେନ୍ଦ୍ରବିନ୍ଦୁ କାଶୀପୁରର କଣ୍ଟାମାଳ ଓ ଥୁଆମୂଳ ରାମପୁରର ତଳଆମପଦର ଗାଁରେ ସେପ୍ଟେମ୍ବର ୧୦ରେ ସଶସ୍ତ୍ର ପୁଲିସ ବାହିନୀ ମୁତୟନ କରାଯାଇ ସ୍ଥାନୀୟ ଶାନ୍ତ ପରିବେଶରେ ଭୟର ବାତାବରଣ ସୃଷ୍ଟି କରାଯାଇଛି। ଗାଁ ଭିତରେ ବଳପୂର୍ବକ ପୁଲିସ ପ୍ରବେଶ କରି ଆନ୍ଦୋଳନକାରୀଙ୍କୁ ଗିରଫ କରିବା ଏବଂ ଗୋଟିଏ ମାମଲାରେ ଜାମିନ ମିଳିଲେ ଅନ୍ୟ ମାମଲା ଗୁନ୍ଥି ଜେଲ୍‌ରେ ରଖିବା ଦ୍ୱାରା ଖଣି କାର୍ଯ୍ୟ ସୁରୁଖୁରୁରେ ଚାଲିପାରିବ ବୋଲି ପ୍ରଶାସନ ଲକ୍ଷ୍ୟ ରଖିଛି। ଆଦିବାସୀଙ୍କ ଜମି ଓ ପାହାଡ଼କୁ ବହୁରାଷ୍ଟ୍ରୀୟ ସଂସ୍ଥାଙ୍କୁ ହସ୍ତାନ୍ତର କରିବା ପାଇଁ ଜଙ୍ଗଲ ଅଧିକାର ଆଇନରେ ଥିବା ଗ୍ରାମସଭାର ସାମ୍ବିଧାନିକ ଅଧିକାରକୁ ମଧ୍ୟ ସରକାରୀ ସ୍ତରରେ କୋହଳ କରାଯାଉଛି। ସ୍ଥାନୀୟ ରାଜନୈତିକ ନେତା ଓ ଅସାଧୁ ଲୋକଙ୍କୁ ବ୍ୟବହାର କରି ଆନ୍ଦୋଳନକୁ ଦୁର୍ବଳ କରିବାକୁ ବିଭିନ୍ନ ଚକ୍ରାନ୍ତ କରାଯାଉଥିଲେ ସୁଦ୍ଧା ଆଦିବାସୀମାନେ ଦମନମୂଳକ ନୀତିକୁ ଡରି ନ ଯାଇ ଅହିଂସା ଓ ଗଣତାନ୍ତ୍ରିକ ଉପାୟରେ ନିଜର ଦାବି ଜାରି ରଖିଛନ୍ତି।

ଓଡ଼ିଶାର ବାସଙ୍ଗମାଳି, ସିଜିମାଳି, କୁଟ୍ରୁମାଳି ଓ ନିୟମଗିରି ଭଳି ପ୍ରାକୃତିକ ସମ୍ପଦରେ ଭରପୂର ଅଞ୍ଚଳଗୁଡ଼ିକ ଉପରେ ଶିଳ୍ପପତିଙ୍କ ଲୋଭିଲା ନଜର ରହିଛି। ପାହାଡ଼ ଖୋଳି ବକ୍ସାଇଟ୍ ଓ ଲୁହାପଥର ଉତ୍ତୋଳନ କରିବା ପାଇଁ ସମଗ୍ର ପ୍ରଶାସନିକ ଯନ୍ତ୍ରପାତିକୁ ବ୍ୟବହାର କରାଯାଉଥିବା ବେଳେ, ଏହି ପ୍ରାକୃତିକ ସମ୍ପଦ ହିଁ ଆଦିବାସୀଙ୍କ ପାଇଁ ଜୀବନ, ଜୀବିକା, ଖାଦ୍ୟ ଓ ସଂସ୍କୃତିର ମୁଖ୍ୟ ଆଧାର। ବଡ଼ ବଡ଼ ସଭାମଞ୍ଚରେ ଆଦିବାସୀ କଲ୍ୟାଣ ଓ ସେମାନଙ୍କ ବିକାଶର ବଡ଼ ବଡ଼ ଡିଣ୍ଡିମ ପିଟୁଥିବା ଶାସକମାନେ ବାସ୍ତବରେ ଆଦିବାସୀଙ୍କ ଜୀବନଜୀବିକାକୁ ବଳି ପକାଇ କମ୍ପାନୀପ୍ରୀତି ଦେଖାଇବା ଅତ୍ୟନ୍ତ ଚିନ୍ତାଜନକ। ଜଳ, ଜମି, ଜଙ୍ଗଲର ସୁରକ୍ଷା କରୁଥିବା ନିରୀହ ପ୍ରଜାଙ୍କୁ ଦେଶଦ୍ରୋହୀ ସଜାଇ ଜେଲ୍ ଭିତରେ ରଖି କେବଳ ଖଣି ଖୋଳିବା ଯଦି ବିକାଶର ପରିଭାଷା ହୁଏ, ତେବେ ଏହି ବିକାଶ କାହା ପାଇଁ? ଜନସାଧାରଣଙ୍କ ମୌଳିକ ଅଧିକାରକୁ କ୍ଷୁଣ୍ଣ କରି ଏବଂ ସେମାନଙ୍କୁ ନିଜ ମାଟିରୁ ବେଦଖଲ କରି କରାଯାଉଥିବା ବିକାଶ କେବେହେଲେ ଗ୍ରହଣଯୋଗ୍ୟ ହୋଇନପାରେ। ସରକାର ଓ ପ୍ରଶାସନ ପୁଲିସ ବଳ ପ୍ରୟୋଗ ନୀତି ପରିହାର କରି ଆଦିବାସୀଙ୍କ ସମସ୍ୟାର ସମ୍ବେଦନଶୀଳ ସମାଧାନ ପାଇଁ ବାସ୍ତବ ପଦକ୍ଷେପ ନେବା ଜରୁରୀ।

ଆଦିବାସୀମାନେ କେବଳ ଜଙ୍ଗଲ ଓ ପାହାଡ଼ର ସୁରକ୍ଷାକର୍ତ୍ତା ନୁହଁନ୍ତି, ସେମାନେ ଆମ ପ୍ରାକୃତିକ ପରିବେଶ ଓ ସଂସ୍କୃତିର ମୂଳ ଆଧାର। ସେମାନଙ୍କର ଗଣତାନ୍ତ୍ରିକ ପ୍ରତିବାଦକୁ ଅପରାଧିକ ମାମଲାରେ ପରିଣତ କରିବା ଗଣତନ୍ତ୍ରର ସୁସ୍ଥ ପରମ୍ପରା ପ୍ରତି ଏକ ବଡ଼ ଆହ୍ୱାନ। ଶିଳ୍ପାୟନ ନାମରେ ସେମାନଙ୍କ ଆଦିମ ଆବାସସ୍ଥଳୀକୁ ଛଡ଼ାଇ ନେବା ଦ୍ୱାରା ଜୈବବିବିଧତା ସମ୍ପୂର୍ଣ୍ଣ ନଷ୍ଟ ହେବାର ଆଶଙ୍କା ରହିଛି। ପ୍ରଶାସନ ଓ ଶାସକ ବର୍ଗ ଶୋଷଣମୂଳକ ନୀତି ଛାଡ଼ି ଆଦିବାସୀଙ୍କ ମୌଳିକ ସାମ୍ବିଧାନିକ ଅଧିକାରକୁ ସମ୍ମାନ ଦେବା ଆବଶ୍ୟକ। ଗ୍ରାମସଭାର ସ୍ୱୀକୃତି ବିନା କୌଣସି ପ୍ରକଳ୍ପ ଜବରଦସ୍ତି ଲଦିଦେବା ଆଇନଗତ ଓ ନୈତିକ ଦୃଷ୍ଟିକୋଣରୁ ସମ୍ପୂର୍ଣ୍ଣ ଅନୁଚିତ। ଜେଲ୍ ?ର ଭୟ ଦେଖାଇ ଲୋକଙ୍କ ଆବାଜକୁ ଦବେଇ ଦେବା ବଦଳରେ ସେମାନଙ୍କ ସହ ସହାନୁଭୂତିପୂର୍ଣ୍ଣ ଆଲୋଚନା ହେବା ଦରକାର।

# ସାବରମତୀର ମହାମାନବ

**ହେମନ୍ତ କୁମାର କର**

ଯେତେବେଳେ ନିଜର ଚିରାଚରିତ ପଥ ପରିତ୍ୟାଗ କରି ଇତିହାସ ନବୀନ ମାର୍ଗ ଅନ୍ୱେଷଣ କରେ, ସେ କେବେ ମଣିମୁକ୍ତା ମଣ୍ଡିତ ରାଜଦରବାରର ନାୟକ ଖୋଜେ ନାହିଁ। କେବେ କେବେ ଧୂମ୍ର ଓ କୁହୁଡ଼ି ଆଚ୍ଛନ୍ନ ଏକ ନିର୍ଜନ ରେଳ ଷ୍ଟେସନର ପ୍ଲାଟଫର୍ମରେ ସେ ଜଣେ ସାଧାରଣ ମନୁଷ୍ୟ ଭିତରେ ଅସାଧାରଣର ବୀଜ ବପନ କରେ। ସେମିତି ଏକ ହାଡ଼ ଭେଦୀ ଶୀତ ରାତି ଥିଲା। ୧୮୯୩ ମସିହା ଜୁନ୍ ମାସର ସେହି ରାତି, ଦକ୍ଷିଣ ଆଫ୍ରିକାର ପିଟରମାରିଜବର୍ଗ ରେଳ ଷ୍ଟେସନରେ। ଲଣ୍ଠନର କମ୍ପିତ ପୀତାଭ ଆଲୋକ ଓ ଇଞ୍ଜିନର କଳା ଧୂଆଁ ମିଶ୍ରିତ କୁହୁଡି ଭିତରେ ପ୍ରଥମ ଶ୍ରେଣୀ କକ୍ଷରେ ବସିଥିଲେ ସୁଟ୍ ପରିହିତ, ପଗଡିଧାରୀ ଜଣେ ତରୁଣ ଭାରତୀୟ ବାରିଷ୍ଟର। ହାତରେ ବୈଧ ଟିକଟ, ମସ୍ତିଷ୍କରେ ବ୍ରିଟିଶ ଆଇନର ଗଭୀର ଜ୍ଞାନ, କିନ୍ତୁ ତାଙ୍କ ଚର୍ମର ରଙ୍ଗ ହିଁ ସେଠାରେ ତାଙ୍କ ଅଯୋଗ୍ୟତାର ପ୍ରମାଣପତ୍ର ହୋଇଥିଲା। ଜଣେ ଶ୍ୱେତାଙ୍ଗ ଅଧିକାରୀ କହିଲେ - ଏଠି କୁଲିମାନେ ବସିପାରିବେ ନାହିଁ, ତଳକୁ ଓହ୍ଲାଅ। ବିନମ୍ର ପ୍ରତିବାଦର ଉତ୍ତରରେ ମିଳିଲା ଏକ ଶକ୍ତ ଧକ୍କା, ଯାହା ତାଙ୍କୁ ତାଙ୍କର ସୁଟକେସ୍ ସହିତ ପ୍ଲାଟଫର୍ମର ଶୀତଳ ଚଟାଣ ଉପରେ ଫିଙ୍ଗି ଦେଲା। ଟ୍ରେନ୍ ହୁଇସିଲ ଦେଇ ଅନ୍ଧାରରେ ଲୀନ ହେଲା। ବ୍ୟଥିତ ହୁଇସିଲ୍ ଟିଏ ମାରି ଅନ୍ଧକାର ଗର୍ଭରେ ମିଳାଇ ଗଲା ଓ ସେହି ଶୂନ୍ୟ ପ୍ଲାଟଫର୍ମରେ ଏକା ରହିଗଲେ ମୋହନଦାସ କରମଚାନ୍ଦ ଗାନ୍ଧୀ।

ସେହି ନିଃସଙ୍ଗ ଶୀତ ରାତିରେ ହିଁ ଜନ୍ମ ନେଲା ଏକ ଅମୋଘ ସଙ୍କଳ୍ପ, ଅପମାନର ଉତ୍ତର ପ୍ରତିଶୋଧ ନୁହେଁ, ଅନ୍ୟାୟର ଉତ୍ତର ପ୍ରତି-ଅନ୍ୟାୟ ନୁହେଁ, ବରଂ ଆତ୍ମାର ଏପରି ଅଦମ୍ୟ ଦୃଢତା ଆତ୍ମାର ଏପରି ଅଦମ୍ୟ ଜିଦ୍ ଯାହା ଅତ୍ୟାଚାରୀର ବନ୍ଧୁକ ନଳୀକୁ ମଧ୍ୟ ଅବନତ କରାଇପାରେ। ସେହି ରାତ୍ରିର ଗର୍ଭରୁ ଜନ୍ମ ନେଲା ଏକ ନୂତନ ଶବ୍ଦ - 'ସତ୍ୟାଗ୍ରହ', ଯାହା ସେ ପର୍ଯ୍ୟନ୍ତ କୌଣସି ଅଭିଧାନରେ ନଥିଲା, କିନ୍ତୁ ଆଜି ବିଶ୍ୱର ପ୍ରତ୍ୟେକ ନିର୍ଯାତିତ ମଣିଷର ମୁକ୍ତି ମନ୍ତ୍ର ପାଲଟିଛି।

ଏହି ସତ୍ୟାଗ୍ରହ କେବଳ ନିଷ୍କ୍ରିୟ ପ୍ରତିରୋଧର ଶୁଷ୍କ ତତ୍ତ୍ୱ ନଥିଲା, ଏହା ଥିଲା ଏକ ସକ୍ରିୟ, ଜ୍ୱଳନ୍ତ ବିଦ୍ରୋହର ଉତ୍ତପ୍ତ ଶିଖା। ଏହାର ମର୍ମରେ ଥିଲା ଏକ ଅମୋଘ ଘୋଷଣା-ଦେହକୁ ଶୃଙ୍ଖଳିତ କରିହେବ ସତ, ମାତ୍ର ସତ୍ୟକୁ କାରାଗାରରେ ବନ୍ଦୀ କରି ହେବ ନାହିଁ। ଯେତେବେଳେ ଟ୍ରାନ୍ସଭାଲର ଶାସକ କଳା ଆଇନ ଜାରି କରି ପ୍ରତି ଭାରତୀୟଙ୍କ ଆଙ୍ଗୁଠି ଛାପ ବାଧ୍ୟତାମୂଳକ କଲେ, ସେତେବେଳେ ଗାନ୍ଧୀ ତା ବିରୁଦ୍ଧରେ ବଜ୍ର ପରି ଛିଡ଼ା ହେଲେ। ଫଳସ୍ୱରୂପ ସହସ୍ର ସହସ୍ର ପ୍ରବାସୀ ଭାରତୀୟ ତାଙ୍କ ପଛରେ ଏକ ଦୁର୍ଭେଦ୍ୟ ପ୍ରାଚୀର ସାଜି ଛିଡ଼ା ହେଲେ। ଫିନିକ୍ସ ଏବଂ ଟଲଷ୍ଟୟ ଫାର୍ମର ଗଭୀର ନିସ୍ତବ୍ଧତା ଭିତରେ ସେ ନିଜକୁ ହିଁ ଏକ ଜୀବନ୍ତ ପରୀକ୍ଷାଗାରରେ ପରିଣତ କଲେ । ନିଜ ହସ୍ତରେ ଅନ୍ନ ରାନ୍ଧିଲେ, ନିଜ ହାତରେ ମଳମୂତ୍ର ସଫା କଲେ, କୁଷ୍ଠ ରୋଗୀର ପୂଜଭରା କ୍ଷତକୁ ନିଜ ହାତରେ ଧୋଇ ତାକୁ ପୁଣି ମଣିଷ ବୋଲି ସ୍ୱୀକୃତି ଦେଲେ। ତାଙ୍କର ଦୃଢ଼ ବିଶ୍ୱାସ ଥିଲା-ଯେ ପର୍ଯ୍ୟନ୍ତ ମୁଁ ଏହି ତୁଚ୍ଛ କର୍ମକୁ ଘୃଣା କରୁଛି, ସେ ପର୍ଯ୍ୟନ୍ତ ବିଶାଳ ମାନବତାର ମୁକ୍ତି ବିଷୟରେ କହିବାର ନୈତିକ ଅଧିକାର ମୋର ନାହିଁ।

ଯେଉଁଦିନ ସାହେବୀ କୋଟ୍-ପାଟଲୁନ୍ ପରିତ୍ୟାଗ କରି ଆଣ୍ଠୁ ମଧ୍ୟ ଲୁଚୁ ନଥିବା ଏକ ଖଦୀର ଧୋତି ପରିଧାନ କରି, ହାତରେ ବାଉଁଶ ଲାଠିଟିଏ ଧରି ସେ ଭାରତକୁ ଫେରିଲେ, ତାଙ୍କୁ ଦେଖି ଅନେକେ ହତାଶରେ ମୁହଁ ମୋଡି ନେଲେ। କିନ୍ତୁ ଗୋପାଳ କୃଷ୍ଣ ଗୋଖଲେ ତାଙ୍କ ଭିତରେ ଲୁକ୍କାୟିତ ଦାବାନଳକୁ ଚିହ୍ନି ପାରିଲେ। ସେ ପରାମର୍ଶ ଦେଲେ - ବର୍ଷେ ଯାଏ ତୁମେ ନୀରବ ରୁହ, କିଛି କୁହ ନାହିଁ, କେବଳ ଏ ବିଶାଳ ଦେଶକୁ ଅନିମେଷ ନେତ୍ରରେ ଦେଖ। ଗୁରୁଙ୍କ ଆଜ୍ଞା ଶିରୋଧାର୍ଯ୍ୟ କରି ସେ ତୃତୀୟ ଶ୍ରେଣୀ ରେଳ ଡବାର କାଠ ବେଞ୍ଚରେ ବସି କନ୍ୟାକୁମାରୀରୁ କାଶ୍ମୀର ପର୍ଯ୍ୟନ୍ତ ସାରା ଭାରତ ପରିକ୍ରମା କଲେ। ସେ ଯାତ୍ରା କେବଳ ଭୌଗୋଳିକ ଯାତ୍ରା ନଥିଲା, ଥିଲା ଆତ୍ମାର ଯାତ୍ରା। ସେ ଚାଷୀର ଘୋଳା ଆଖିରେ ଯୁଗ ଯୁଗର ଭୟକୁ ଦେଖିଲେ, ଅସହାୟ ଜନନୀର ଲିଭି ଯାଇଥିବା ଚୁଲିରେ କ୍ଷୁଧାର ନଗ୍ନ ଚିତ୍ର ଦେଖିଲେ ଏବଂ ହୃଦୟଙ୍ଗମ କଲେ ଯେ ଏ ଦେଶର ମୂଳ ବ୍ୟାଧି କେବଳ ବ୍ରିଟିଶ ସିଂହାସନ ନୁହେଁ, ଏ ଦେଶର ମୂଳ ବ୍ୟାଧି ହେଉଛି ଶତାବ୍ଦୀ ପ୍ରାଚୀନ ସେହି ଭୟ ଯାହା ଆମ ମେରୁଦଣ୍ଡକୁ ନୁଆଇଁ ଦେଇଛି।

୧୯୧୭ ମସିହା ଜୁନ୍ ୧୭ ତାରିଖରେ ଗାନ୍ଧୀଜୀ ଅହମ୍ମଦାବାଦ ନିକଟରେ ପ୍ରବାହିତ ସାବରମତୀ ନଦୀର ଶାନ୍ତ କୂଳରେ ସ୍ଥାପନ କଲେ 'ସତ୍ୟାଗ୍ରହ ଆଶ୍ରମ'। ଏହା କେବଳ ଇଟା, ଚୂନ ଓ ମାଟିର ଚାରି କାନ୍ଥ ନଥିଲା, ଏହା ଥିଲା ତାଙ୍କ ସ୍ୱପ୍ନର ଭାରତର ଏକ ଜୀବନ୍ତ ମାନଚିତ୍ର, ଏକ ଛୋଟ ଗଣତନ୍ତ୍ର। ଏଠାରେ କୌଣସି ଚାକର ନଥିଲେ, ପ୍ରତ୍ୟେକ ଆଶ୍ରମବାସୀ ନିଜ ମଳ ନିଜେ ସଫା କରୁଥିଲେ, ନିଜ ହାତରେ ରୁଟି ସେକୁଥିଲେ, ସୂର୍ଯ୍ୟୋଦୟ ପୂର୍ବରୁ ଉଠି ଚରଖାର ମଧୁର ଘର୍ ଘର୍ ଶବ୍ଦରେ ସ୍ୱାବଲମ୍ବନର ସଙ୍ଗୀତ ରଚୁଥିଲେ। ସାବରମତୀରେ ହିଁ ସେ ଅସ୍ପୃଶ୍ୟତା ରୂପକ ବିଷବୃକ୍ଷକୁ ମୂଳରୁ ଉପାଡି ଫିଙ୍ଗିବାକୁ ସାହସ କଲେ। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା, ଏହି ପବିତ୍ର ଆଶ୍ରମର ମାଟିରୁ ହିଁ ୧୯୩୦ ମସିହା ମାର୍ଚ୍ଚ ୧୨ ତାରିଖରେ ସେ ୭୮ ଜଣ ସହଯାତ୍ରୀଙ୍କ ସହ ଦାଣ୍ଡୀ ଅଭିମୁଖେ ସେହି ଅମର ଯାତ୍ରା ଆରମ୍ଭ କରିଥିଲେ, ପ୍ରତିଜ୍ଞା କରିଥିଲେ ଯେ ସ୍ୱରାଜ ନ ଆଣିବା ଯାଏଁ ସେ ଏହି ଆଶ୍ରମକୁ ଫେରିବେ ନାହିଁ। ସତକୁ ସତ ସେ ଆଉ କେବେ ସାବରମତୀରେ ସ୍ଥାୟୀ ଭାବେ ରହି ପାରିଲେ ନାହିଁ, କାରଣ ସାବରମତୀ ଏତେବେଳକୁ ସାରା ଭାରତରେ ବ୍ୟାପି ଯାଇଥିଲା।

ଏହି ମାନସିକ ଦାସତ୍ୱର ଶୃଙ୍ଖଳକୁ ଛିନ୍ନ କରିବା ପାଇଁ ଗାନ୍ଧୀଜୀ ପ୍ରଥମେ ବିହାରର ଚମ୍ପାରଣ ଗସ୍ତ କଲେ। ସେଠାକାର ନୀଳ ଚାଷୀଙ୍କ କରୁଣ କ୍ରନ୍ଦନରେ ସେ ଯେତେବେଳେ ସତ୍ୟାଗ୍ରହର ସ୍ୱର ଉଠାଇଲେ, ବ୍ରିଟିଶ ସରକାର ତାଙ୍କ ବିରୁଦ୍ଧରେ ମକଦ୍ଦମା ଉଠାଇ ନେବାକୁ ବାଧ୍ୟ ହେଲେ। ପରେ ତଦନ୍ତ କମିଟି ବସିଲା ଏବଂ ଶତାବ୍ଦୀ ପୁରୁଣା ଅତ୍ୟାଚାରୀ ତିନି କାଠିଆ ପ୍ରଥାର ଅନ୍ତ ଘଟିଲା। ଚମ୍ପାରଣର ସେହି ବିଜୟ କେବଳ ନୀଳ ଚାଷର ଅବସାନ ନଥିଲା, ତାହା ଥିଲା ଭାରତ ଆତ୍ମା ସହିତ ଗାନ୍ଧୀଙ୍କର ପ୍ରଥମ ସାକ୍ଷାତକାର।

ଏହା ପରେ ଆସିଲା ୧୯୨୦ ମସିହାର ଅସହଯୋଗ ଆନ୍ଦୋଳନର ଅଭୂତପୂର୍ବ ମହାଝଡ। ଯେତେବେଳେ ଜାଲିଆନାୱାଲାବାଗର ଶିଶୁର ରକ୍ତର ଦାଗ ଏ ମାଟିରୁ ଲିଭି ନଥିଲା, ପଞ୍ଜାବର ଆକାଶରେ ସାମରିକ ଆଇନର କଳା ବାଦଲ ଘୁରି ବୁଲୁଥିଲା, ସେତେବେଳେ ତାଙ୍କର ଗୋଟିଏ ଆହ୍ୱାନରେ ମୋତିଲାଲ ନେହେରୁ, ଦେଶବନ୍ଧୁ ଚିତ୍ତରଞ୍ଜନ ଦାସଙ୍କ ଭଳି ଦିଗଜ ଆଇନଜୀବୀ ନିଜର ବିଳାସପୂର୍ଣ୍ଣ ଓକିଲାତି ପରିତ୍ୟାଗ କଲେ, ହଜାର ହଜାର ଛାତ୍ର ପରୀକ୍ଷା ହଲର ଆକର୍ଷଣକୁ ଲାତ ମାରି ରାଜରାସ୍ତାକୁ ଓହ୍ଲାଇ ଆସିଲେ, ଅନ୍ତଃପୁରର ମାଆ ଓ ଭଉଣୀମାନେ ନିଜ ସିନ୍ଧୁକର ଯତ୍ନରେ ରଖିଥିବା ବିଦେଶୀ ବସ୍ତ୍ରକୁ ଟାଣି ଆଣି ରାଜଦାଣ୍ଡର ମଧ୍ୟ ଭାଗରେ ହୋମ ନିଆଁ ଜାଳିଲେ। ସେ ନିଆଁ କେବଳ କପଡା ପୋଡୁ ନଥିଲା, ସେ ନିଆଁ ପୋଡୁ ଥିଲା ଶତାବ୍ଦୀ ପ୍ରାଚୀନ୍ ମାନସିକ ଦାସତ୍ୱର ଶବକୁ। ସେହି ଭସ୍ମରୁ ହିଁ ନୂତନ ଭାରତର ଜନ୍ମ ହେଲା। କିନ୍ତୁ ଚୌରୀଚୌରାରେ ଯେତେବେଳେ ଉତ୍ତେଜିତ ଜନତା ଏକ ଥାନାରେ ନିଆଁ ଲଗାଇ ଦେଲେ, ସମଗ୍ର ଦେଶ ଭାବିଲା ଆନ୍ଦୋଳନ ଆହୁରି ଉଗ୍ର ହେବ। କିନ୍ତୁ ଗାନ୍ଧୀ ସମସ୍ତଙ୍କୁ ସ୍ତବ୍ଧ କରି ଦେଇ ସମଗ୍ର ଆନ୍ଦୋଳନକୁ ପ୍ରତ୍ୟାହାର କରିନେଲେ। ତାଙ୍କର ସ୍ପଷ୍ଟ ଉକ୍ତି ଥିଲା - ଭୁଲ୍ ପଥରେ ଚାଲି ଠିକ୍ ମନ୍ଦିରରେ ପହଞ୍ଚି ହୁଏ ନାହିଁ। ଯଦି ଆମର ଲକ୍ଷ୍ୟ ସ୍ୱରାଜ, ତେବେ ଆମର ମାର୍ଗ ମଧ୍ୟ ସ୍ୱଚ୍ଛ ଓ ପବିତ୍ର ହେବା ଅନିବାର୍ଯ୍ୟ। ଏହି ନୈତିକ ଦୃଢତା ହିଁ ତାଙ୍କୁ ଜଣେ ଚତୁର ରାଜନେତାର ସ୍ତରରୁ ଉଠାଇ ମହାତ୍ମାର ଆସନରେ ବସାଇଲା।

ଇତିହାସ ଏକ ଅବିସ୍ମରଣୀୟ ଘଟଣା ହେଉଛି ୧୯୩୦ ମସିହାର ଦାଣ୍ଡି ଯାତ୍ରା। ଯେତେବେଳେ ସାବରମତୀ ଆଶ୍ରମର ପ୍ରାଙ୍ଗଣରୁ ବାଉଁଶ ଲାଠିଟିଏ ହାତରେ ଧରି ଜଣେ ଏକାକୀ, କୃଶକାୟ ବୃଦ୍ଧ ସମୁଦ୍ର ଆଡକୁ ୩୮୪ କିଲୋମିଟରର ଧୂଳିଧୂସରିତ ପଥ ଚାଲିବା ଆରମ୍ଭ କଲେ, ତାଙ୍କ କୋମଳ ପାଦରେ ଫୋଟକା ଫୁଟୁଥିଲା, କିନ୍ତୁ ଆଖିରେ ଥିଲା ଅପରାଜେୟ ସ୍ୱପ୍ନ। ପ୍ରତ୍ୟେକ ଗ୍ରାମର ମୁହାଣରେ ହଜାର ହଜାର ନରନାରୀ ପଚାରୁଥିଲେ - ବାପୁ କେଉଁଠି ଯାଉଛ? ସେ ମୃଦୁ ହସି କହୁଥିଲେ - ମୁଁ ଯାଉଛି ସମୁଦ୍ରର ଲୁଣ ଉପରେ ଲଦି ହୋଇଥିବା ପରାଧୀନତାର କରକୁ ଭାଙ୍ଗିବା ପାଇଁ। କାରଣ ଏ ସାଗର ଆମର, ଏ ଲୁଣ ଆମର, ଏହା ଉପରେ ବ୍ରିଟିଶର ଏକଛତ୍ର ଅଧିକାର ନାହିଁ। ଅବଶେଷରେ ଏପ୍ରିଲ ୫ ତାରିଖ ସକାଳେ ଯେତେବେଳେ ସେ ଦାଣ୍ଡିର ଲୁଣା ଜୁଆରିଆ କୂଳରେ ନଇଁ ପଡି ମୁଠାଏ ଲୁଣ ପାଣିରୁ ଲୁଣ ତିଆରି କଲେ, ସେତେବେଳେ ସେହି ମୁଠାଏ ଲୁଣ ଆଉ ଲୁଣ ହୋଇ ରହିଲା ନାହିଁ, ତାହା ପାଲଟିଗଲା ଏକ ସୁପ୍ତ ଜାତିର ଜାଗ୍ରତ ମେରୁଦଣ୍ଡ। ସେହି ଲୁଣ ସ୍ପର୍ଶରେ ବ୍ରିଟିଶ ସାମ୍ରାଜ୍ୟର ଅହମିକାର ଭିତ୍ତିଭୂମି ଥରି ଉଠିଲା। ଏହି ଲବଣ ସତ୍ୟାଗ୍ରହ ସାରା ବିଶ୍ୱର ସମ୍ବାଦପତ୍ରର ପ୍ରଥମ ପୃଷ୍ଠାକୁ ଅଳଙ୍କୃତ କଲା ଏବଂ ବିଶ୍ୱ ପ୍ରଥମ ଥର ପାଇଁ ଦେଖିଲା ଯେ କିପରି ବିନା ରକ୍ତପାତର ଯୁଦ୍ଧରେ ଏକ ନିରସ୍ତ୍ର ଜନତା ସଶସ୍ତ୍ର ସାମ୍ରାଜ୍ୟକୁ ଆଣ୍ଠୁମାଡ କରାଇପାରେ।

୧୯୪୨ ମସିହାର ଅଗଷ୍ଟ କ୍ରାନ୍ତି ଭାରତର ସ୍ୱାଧୀନତା ସଂଗ୍ରାମର ଶେଷ ତଥା ନିର୍ଣ୍ଣାୟକ ମହାସମର ଥିଲା। ବମ୍ବେର ଗୋୱାଲିଆ ଟାଙ୍କ ଖୋଲା ମଇଦାନରେ ମହାତ୍ମା 'କର ବା ମର' ଆହ୍ୱାନ କଲେ। ବ୍ରିଟିଶ ସରକାର ଭାବିଲେ ସମସ୍ତ ନେତାଙ୍କୁ ଏକା ରାତିରେ ଗିରଫ କରିଦେଲେ ଆନ୍ଦୋଳନର ମେରୁଦଣ୍ଡ ଭାଙ୍ଗିଯିବ। କିନ୍ତୁ ଫଳ ହେଲା ଓଲଟା। ଏଥର ଆନ୍ଦୋଳନ ନେତାଙ୍କ ହାତରେ ନଥିଲା, ଏହା ପ୍ରତ୍ୟେକ ଗାଁ, ପ୍ରତ୍ୟେକ ସହରର ମୁକ୍ତିପିପାସୁ ମଣିଷର ହାତକୁ ଚାଲିଯାଇଥିଲା। ବିନା ନିର୍ଦ୍ଦେଶରେ ଲୋକେ ରେଳ ଧାରଣା ଉପାଡିଲେ, ଥାନା ଘେରାଉ କଲେ, ସମାନ୍ତରାଳ ସରକାର ଗଢିଲେ। ଏହା ହିଁ ଥିଲା ଗାନ୍ଧୀଙ୍କର ସର୍ବଶ୍ରେଷ୍ଠ ସଫଳତା - ସେ ନେତୃତ୍ୱକୁ ସଭାମଞ୍ଚର ଉଚ୍ଚାସନରୁ ଓହ୍ଲାଇ ପ୍ରତ୍ୟେକ ସାଧାରଣ ମଣିଷର ହୃଦୟ ମନ୍ଦିରରେ ପ୍ରତିଷ୍ଠା କରି ଦେଇଥିଲେ।

ଜାତୀୟ ଚେତନା
JATIYA CHETANA



# ପର୍ଯ୍ୟଟନର ବିକାଶ ପାଇଁ ଆବଶ୍ୟକ ପଦକ୍ଷେପ ନେବାକୁ ମୁଖ୍ୟ ସଚିବଙ୍କ ଗୁରୁତ୍ୱାରୋପ

ଭୁବନେଶ୍ୱର,(ଜା.ପ୍ର): ମୁଖ୍ୟ ଶାସନ ସଚିବ ଅନୁ ଗର୍ଗଙ୍କ ଅଧ୍ୟକ୍ଷତାରେ ଆଜି ରାଜ୍ୟ ପର୍ଯ୍ୟଟନ ପ୍ରୋତ୍ସାହନ ପରିଷଦ(ଏସଟିପିସି)ର ଦ୍ୱିତୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ରାଜ୍ୟରେ ପର୍ଯ୍ୟଟନ ଭିତ୍ତିଭୂମିର ବିକାଶ, ଜମି ଉପଲବ୍ଧତା, କାର୍ଯ୍ୟକାରୀ ହେଉଥିବା ପର୍ଯ୍ୟଟନ ପ୍ରକଳ୍ପର ଅଗ୍ରଗତି ଏବଂ ପର୍ଯ୍ୟଟନ ଶିଳ୍ପ ପାଇଁ ନିବେଶ ପରିବେଶକୁ ସୁଗମ କରିବା ସମ୍ପର୍କିତ ବିଭିନ୍ନ ପ୍ରସଙ୍ଗ ଉପରେ ବିସ୍ତୃତ ଆଲୋଚନା ହୋଇଥିଲା। ବୈଠକରେ ମୁଖ୍ୟ ଶାସନ ସଚିବଙ୍କ ସହ ଶିଳ୍ପ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା, ବାଣିଜ୍ୟ ଓ ପରିବହନ ବିଭାଗର ପ୍ରମୁଖ ଶାସନ ସଚିବ ଏନବିଏସ୍ ରାଜପୁତ, ପର୍ଯ୍ୟଟନ ବିଭାଗର କମିଶନର ତଥା ଶାସନ ସଚିବ ବଲୱନ୍ତ ସିଂଙ୍କ ସମେତ ସମ୍ପୃକ୍ତ ବିଭାଗର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ପରିଷଦର ପ୍ରଥମ ବୈଠକରେ ନିଆଯାଇଥିବା ନିଷ୍ପତ୍ତିଗୁଡ଼ିକର କାର୍ଯ୍ୟାନ୍ୱୟନ ନେଇ ଅଗ୍ରଗତି ସମୀକ୍ଷା କରାଯାଇଥିଲା। ପର୍ଯ୍ୟଟନ ପ୍ରକଳ୍ପ ପାଇଁ ସରକାରୀ ଜମି ଆବଣ୍ଟନ, ଓଡ଼ିଆ ଖାଦ୍ୟ ରେସ୍ତୋରାଁ ପ୍ରତିଷ୍ଠା, ପର୍ଯ୍ୟଟନ ଜମି ବ୍ୟାଙ୍କ ଯୋଜନା ଏବଂ ବିଭିନ୍ନ ପର୍ଯ୍ୟଟନସ୍ଥଳର ବିକାଶ ସମ୍ପର୍କିତ ପୂର୍ବ ନିଷ୍ପତ୍ତିର ଅଗ୍ରଗତି ଉପରେ ଆଲୋଚନା ହୋଇଥିଲା। ପର୍ଯ୍ୟଟନ କ୍ଷେତ୍ରରେ ଆବାସିକ ଓ ଅନ୍ୟାନ୍ୟ ସୁବିଧା ଭିତ୍ତିଭୂମିର ବିକାଶ ପାଇଁ ପର୍ଯ୍ୟଟନ ଜମି ବ୍ୟାଙ୍କ ଯୋଜନା ଉପରେ ବିସ୍ତୃତ ଆଲୋଚନା ହୋଇଛି। ଜମି ଚିହ୍ନଟ, ଜମିର ଉପଯୋଗିତା ନିର୍ଦ୍ଧାରଣ, ଜମି ଆବଣ୍ଟନ ଓ ପରବର୍ତ୍ତୀ ପରିଚାଳନା ପାଇଁ ସୁସ୍ପଷ୍ଟ ବ୍ୟବସ୍ଥା ସହ ଜିଆଇଏସ୍ ଆଧାରିତ ଜମି ମାନଚିତ୍ର ଓ ଡିଜିଟାଲ୍ ନିରୀକ୍ଷଣ ବ୍ୟବସ୍ଥା ଉପରେ ମଧ୍ୟ ଗୁରୁତ୍ୱ ଦିଆଯାଇଛି।

# ଏମ୍ଏମ୍ଡିଆର ପ୍ରସଙ୍ଗରେ ମୋହନଙ୍କୁ ପୁଣି ଚିଠିଲେ ଲେଖିଲେ ନବୀନ

ଭୁବନେଶ୍ୱର,(ଜା.ପ୍ର): ଏମ୍ଏମ୍ଡିଆର ବା ଖଣି ଓ ଖଣିଜ ଦ୍ରବ୍ୟ ବିକାଶ ଓ ନିୟନ୍ତ୍ରଣ ଆଇନ (ସଂଶୋଧନ) ସମ୍ପର୍କରେ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ରବିବାର ପୁଣି ଥରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଚିଠି ଲେଖିଛନ୍ତି। ଏଥିରେ ସେ ଉଲ୍ଲେଖ କରିଛନ୍ତି ଯେ ଯେ ବିଜୁ ଜନତା ଦଳ ସବୁବେଳେ ଓଡ଼ିଶାର ଅଧିକାର ଓ ଆମର ଯୁବ ସମାଜର ଭବିଷ୍ୟତ ସହିତ ରହି ଆସିଛି ଏବଂ ଏହାର ଦୃଢ଼ ସମର୍ଥନ କରୁଛି। ତେଣୁ ନିକଟରେ ସଂସଦରେ ଗୃହିତ ହୋଇଥିବା ଖଣି ଓ ଖଣିଜ ଦ୍ରବ୍ୟ ବିକାଶ ଓ ନିୟନ୍ତ୍ରଣ ଆଇନ (ସଂଶୋଧନ) ସମ୍ପୂର୍ଣ୍ଣ ପ୍ରତ୍ୟାହାର ପାଇଁ ବିଧାନ ସଭାରେ ସର୍ବସମ୍ମତ ପ୍ରସ୍ତାବ ପାରିତ କରିବା ପାଇଁ ସବୁ ରାଜନୈତିକ ଦଳ ଏକାଠି କାମ କରିବାକୁ ଶ୍ରୀ ପଟ୍ଟନାୟକ ଆହ୍ୱାନ ଦେଇଛନ୍ତି। ଶ୍ରୀ ପଟ୍ଟନାୟକ କହିଛନ୍ତି ଯେ ସୁପ୍ରିମକୋର୍ଟଙ୍କ ରାୟ ଓଡ଼ିଶା ପାଇଁ ବିରାଟ ସମ୍ଭାବନା ସୃଷ୍ଟି କରିଥିଲା। କୋଟି କୋଟି ଟଙ୍କାର ବକେୟା ରାଜସ୍ୱ ଆଦାୟ ସହିତ ବାର୍ଷିକ ୧୨ ହଜାର କୋଟି ଟଙ୍କା ରାଜସ୍ୱ ଭାବେ ପାଇବାର ସୁଯୋଗ ସୃଷ୍ଟି ହୋଇଥିଲା। ବିଧାନସଭାରେ ଏମ୍ଏମ୍ଡିଆର ଆମେଣ୍ଡେମେଣ୍ଟ ଆକ୍ଟ ପ୍ରତ୍ୟାହାର ପାଇଁ ଏକ ସର୍ବସମ୍ମତ ପ୍ରସ୍ତାବ ଗୃହିତ କରିବାକୁ ନବୀନ ଦାବି କରିଛନ୍ତି।

# ଓଡ଼ିଶା ବିଧାନସଭାର ଉତ୍ତମ କାର୍ଯ୍ୟଶୈଳୀକୁ ବିଦେଶରେ ପ୍ରଶଂସା

ଭୁବନେଶ୍ୱର,(ଜା.ପ୍ର): ଓଡ଼ିଶା ନିଜର ଅଭିଜ୍ଞତାକୁ କେବେ ସମ୍ପୂର୍ଣ୍ଣ ବୋଲି ଦାବି କରେନାହିଁ, ବରଂ ବୃତ୍ତିଗତ ଆଦାନ-ପ୍ରଦାନର ଭାବନା ସହ ସମୃଦ୍ଧ ପରମ୍ପରା ଓ ନୂତନ ଉଦ୍ଭାବନଗୁଡ଼ିକରୁ ଶିଖିବା ପାଇଁ ସର୍ବଦା ପ୍ରସ୍ତୁତ ରହିଛି। ୧୯୩୬ ମସିହାରେ ସ୍ୱତନ୍ତ୍ର ରାଜ୍ୟର ମାନ୍ୟତା ପାଇଥିବା ଓଡ଼ିଶାରେ ୧୯୩୭ ମସିହା ପ୍ରଥମ ବିଧାନସଭା ୬୦ ଜଣ ସଦସ୍ୟଙ୍କୁ ନେଇ ଆରମ୍ଭ ହୋଇବେଳେ ଏହା ବୃଦ୍ଧି ପାଇଁ ବର୍ତ୍ତମାନ ୧୪୭ରେ ପହଞ୍ଚିଛି। ସ୍ୱାଧୀନତା ପୂର୍ବର ସମୟରୁ ଆରମ୍ଭ କରି ଆଧୁନିକ ଡିଜିଟାଲ ବିଧାନସଭା ପର୍ଯ୍ୟନ୍ତ ଗଣତାନ୍ତ୍ରିକ ଉତ୍ତରାଧିକାର ଏବଂ ସାମ୍ପ୍ରତିକ ସଂସ୍କାରର ଏହି ଯାତ୍ରା ନିରନ୍ତର ଚାଲିଛି ବୋଲି ବିଧାନସଭା ସଚିବ ସତ୍ୟବ୍ରତ ରାଉତ କହିଛନ୍ତି। ଦକ୍ଷିଣ ଆଫ୍ରିକାର କେପ୍ଟାଉନ୍ଠାରେ ଆୟୋଜିତ ରାଜ୍ୟଗୋଷ୍ଠୀ ସଂସଦୀୟ ସଂଘର ସମ୍ମିଳନୀରେ 'ଓଡ଼ିଶା ବିଧାନସଭାର ଉତ୍ତମ କାର୍ଯ୍ୟଶୈଳୀ' ଉପରେ ନିଜର ସନ୍ଦର୍ଭ ଉପସ୍ଥାପନ କରି ଶ୍ରୀ ରାଉତ କହିଛନ୍ତି ଯେ ସପ୍ତଦଶ ବିଧାନସଭାର ପ୍ରଥମ ଦୁଇ ବର୍ଷ ମଧ୍ୟରେ, ଗୃହରେ ୧୦୩ ଦିନ ଅଧିବେଶନ ଅନୁଷ୍ଠିତ ହୋଇଥିଲା ଏବଂ ପ୍ରାୟ ୪୭୦ ଘଣ୍ଟା ଧରି ବିଧାନସଭା କାର୍ଯ୍ୟ ସମ୍ପାଦିତ ହୋଇଥିଲା। ବିଧାନସଭାର ବିଭିନ୍ନ କମିଟିମାନଙ୍କର କାର୍ଯ୍ୟଧାରା ସମ୍ପର୍କରେ ବିଶଦ ଭାବରେ ତଥ୍ୟ ଉପସ୍ଥାପନ କରି ସଚିବ କହିଛନ୍ତି ଯେ ମୋଟ ୩୫ଟି କମିଟି ମଧ୍ୟରୁ ୧୦ଟି ବିଭାଗୀୟ କମିଟି ବିଭିନ୍ନ ବିଭାଗର ପ୍ରାଥମିକତା, ବ୍ୟୟ ଅଟକଳ, ଯୋଜନା ପ୍ରଣୟନ ଓ ସମ୍ବଳର ଉପଯୁକ୍ତ ବିନିଯୋଗ ଉପରେ ଆଲୋଚନା କରି ବଜେଟ ପାଇଁ ପ୍ରସ୍ତାବ ଦେଇଥାନ୍ତି ବୋଲି ସେ କହିଛନ୍ତି। କେପ୍ଟାଉନ୍ଠାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ୫୬ଟି ଦେଶର ୧୮୦ ଜଣ ସଚିବ ଯୋଗଦେଇଥିବାବେଳେ ଓଡ଼ିଶା ବିଧାନସଭାର ସଚିବ ଶ୍ରୀ ରାଉତଙ୍କୁ ସନ୍ଦର୍ଭ ଉପସ୍ଥାପନ କରିବା ପାଇଁ ମନୋନୀତ କରାଯାଇଥିଲା। କାର୍ଯ୍ୟକ୍ରମରେଦିଲ୍ଲୀ ବିଧାନସଭାର ନିର୍ଦ୍ଦେଶକ ଡ. ୟୁନିଅନ୍ କୁମାରଙ୍କ ସମେତ ଆନ୍ଧ୍ରପ୍ରଦେଶ, ଆସାମ, ହିମାଚଳ ପ୍ରଦେଶ, ନାଗାଲାଣ୍ଡ, ପଶ୍ଚିମବଙ୍ଗ ଓ ଉତ୍ତରପ୍ରଦେଶ ବିଧାନସଭାର ସଚିବମାନଙ୍କ ସମେତ ୨୧ଟି ବିଧାନସଭାର ସଚିବ ଯୋଗଦେଇଥିଲେ।

# ସ୍ତ୍ରୀକୁ ହତ୍ୟା ପରେ ସ୍ୱାମୀର ଆତ୍ମହତ୍ୟା

ଭୁବନେଶ୍ୱର,(ଜା.ପ୍ର): ସ୍ତ୍ରୀକୁ ଅତି ନିର୍ମମ ଭାବେ ପିଟି ପଟି ହତ୍ୟା। ଆଉ ତା' ପରେ ସ୍ୱାମୀ ଘର ପାଖ ଗଛରେ ରଶି ଲଗାଇ କରିଛନ୍ତି ଆତ୍ମହତ୍ୟା। ପାରିବାରିକ କଳହରୁ ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ଥାନା ଦଦରାଘାଟି ଫାଣ୍ଡି ଅଧୀନ ଆଖୁଆପାଳ ପଞ୍ଚାୟତ ୩-ନମ୍ବର କଲୋନୀରେ ଘଟିଛି ଏପରି ଚାଞ୍ଚଲ୍ୟକର ଘଟଣା। ସ୍ତ୍ରୀ ରଶ୍ମିତା ନାଏକ (୩୧) ହୋଇଥିବା ବେଳେ ସ୍ୱାମୀଙ୍କ ନାମ ମିଥୁନ ନାଏକ (୩୬)। ଶନିବାର ରାତିରେ ଉଭୟ ସ୍ୱାମୀ ଓ ସ୍ତ୍ରୀଙ୍କ ମଧ୍ୟରେ କୌଣସି କାରଣକୁ ନେଇ କଳହ ସୃଷ୍ଟି ହୋଇଥିଲା। ପରେ ସ୍ୱାମୀ ମିଥୁନ ନାଏକ କ୍ରୋଧର ବଶୀଭୂତ ହୋଇ ସ୍ତ୍ରୀ ରଶ୍ମିତାଙ୍କୁ ଘର ଭିତରକୁ ନେଇ କବାଟ ବନ୍ଦ କରି ବାଡ଼ିରେ ନିସ୍ତୁକ ପିଟି ଚାଲିଥିଲେ। ଫଳରେ ସ୍ତ୍ରୀ ପ୍ରାଣମୂର୍ଚ୍ଛା ହୋଇଯିବା ପରେ ମିଥୁନ ମୁହଁରେ ପାଣି ମାରିଥିଲେ। ସେତେବେଳକୁ ରଶ୍ମିତାଙ୍କ ମୃତ୍ୟୁ ସାରିଥିଲା। ସ୍ତ୍ରୀଙ୍କ ମୃତ୍ୟୁ ପରେ ମିଥୁନ ନିଜ ଘର ସାମ୍ନାରେ ଥିବା ଏକ ଆମ୍ବ ଗଛରେ ଏକ ଓଢଣୀ ରେ ଆତ୍ମହତ୍ୟା କରିଥିଲେ। ଖବରପାଇ ପୁଲିସ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ତେବେ ମିଥୁନ ଶନିବାର ରାତିରେ କୌଣସି କାରଣକୁ ନେଇ ଘରେ ଥିବା ତିନିଜଣ ଛୁଆଙ୍କୁ ଅନ୍ୟ ଏକ ଘରେ ବାହାରୁ ତାଲା ପକାଇ ଏପରି ନୃଶଂସ କାଣ୍ଡ କରିଥିଲେ। ସ୍ତ୍ରୀର ମୃତ୍ୟୁ ପରେ ଅନୁତାପରେ ମିଥୁନ ଘର ସାମ୍ନାରେ ଆତ୍ମହତ୍ୟା କରିଥିବା କାମାକ୍ଷାନଗର ଉପଖଣ୍ଡ ଆରକ୍ଷୀ ଅଧୀକ୍ଷକ ଚିତ୍ତରଞ୍ଜନ ବେହେରା କହିଛନ୍ତି।

# ରାଜ୍ୟ ଯୋଗାଣ ସହାୟକ ସଂଘର ଆନ୍ଦୋଳନକୁ ଦୃଢ଼ ସମର୍ଥନ ଜଣାଇଲା ଆମ୍ ଆଦମୀ ପାର୍ଟି




ଭୁବନେଶ୍ୱର,(ଜା.ପ୍ର): ଦୀର୍ଘ ଚଉଦ ଦିନ ଧରି ଲୋୟର ପିଏମଜିରେ ଯୋଗାଣ ସହାୟକ ସଂଘ ତରଫରୁ ଚାଲିଥିବା ଆନ୍ଦୋଳନ ସ୍ଥଳରେ ପହଞ୍ଚି ଆମ୍ ଆଦମୀ ପାର୍ଟି ରାଜ୍ୟ ସଭାପତି ଶ୍ରୀ ନିଶିକାନ୍ତ ମହାପାତ୍ର ଏବଂ ଅନ୍ୟ ନେତୃବୃନ୍ଦ ଆନ୍ଦୋଳନକାରୀଙ୍କ ଦାବିକୁ ସମର୍ଥନ ଜଣାଇଥିଲେ। ଇତ୍ୟବସରରେ ରାଜ୍ୟ ଯୋଗାଣ ସହାୟକ ସଂଘର ସମସ୍ତ ସଦସ୍ୟବୃନ୍ଦଙ୍କ ସହ ଶ୍ରୀ ମହାପାତ୍ର ପୁଙ୍ଖାନୁପୁଙ୍ଖ ଆଲୋଚନା କରିବା ସହିତ ଆଗାମୀ ଦିନରେ କିପରି ସେମାନଙ୍କର ଦାବି ପୂରଣ ନିମନ୍ତେ ଦଳ ତରଫରୁ ସରକାରଙ୍କ ନିକଟରେ ଚାପ ପ୍ରୟୋଗ କରାଯାଇ ପାରିବ ସେଥିନେଇ ଆଲୋକପାତ କରିଥିଲେ। ସରକାରଙ୍କ ଦ୍ୱାରା ସ୍ଥିରୀକୃତ ସର୍ବନିମ୍ନ ମଜୁରୀଠୁ କମ ଦରରେ ରାଜ୍ୟ ଯୋଗାଣ କର୍ମଚାରୀଙ୍କ ଦୀର୍ଘ ବର୍ଷଧରି ମାତ୍ର ଆଠ ହଜାର ଟଙ୍କାରେ କାମ କରୁଥିବା ଘଟଣାକୁ ଆପ୍ ସଭାପତି ସରକାରଙ୍କୁ କଟୁ ସମାଲୋଚନା କରିବା ସହ କର୍ମଚାରୀଙ୍କ ଦରମା ବୃଦ୍ଧି କରିବା ଏବଂ ସେମାନଙ୍କର ଚାକିରି ସର୍ତ୍ତାବଳି ଓ ଚାକିରୀ ସ୍ଥାୟୀକରଣ ତୁରନ୍ତ କରିବାକୁ ରାଜ୍ୟ ସରକାରଙ୍କ ଦୃଷ୍ଟିଆକର୍ଷଣ କରିଥିଲେ। ପ୍ରତ୍ୟେକ ପଞ୍ଚାୟତରେ ବର୍ଷ ତମାମ୍ ଯୋଗାଣ ସେବାକୁ ଠିକ୍ ଭାବରେ ଲୋକଙ୍କ ନିକଟରେ ପହଞ୍ଚାଉଥିବା ରାଜ୍ୟ ଯୋଗାଣ କର୍ମଚାରୀମାନଙ୍କର ଦାବୀକୁ ସରକାର ତ୍ୱରିତ ସମାଧାନ କରିବାକୁ ଶ୍ରୀ ମହାପାତ୍ର ଆହ୍ୱାନ ଜଣାଇଥିଲେ। ଦାବୀ ପୂରଣ ନ ହେବା ଯାଏଁ କର୍ମଚାରୀ ସଂଘର ଆନ୍ଦୋଳନକୁ ସମର୍ଥନ ଓ ସହଯୋଗ ଯୋଗାଇ ଦେବାକୁ ରାଜ୍ୟ ସଭାପତି ନିଶିକାନ୍ତ ମହାପାତ୍ର ଘୋଷଣା କରିଥିଲେ। ଏହି ଅବସରରେ ରାଜ୍ୟ ସଂଗଠନର ଅନେକ ନେତୃବୃନ୍ଦ ଉପସ୍ଥିତ ରହି ଆନ୍ଦୋଳନକୁ ଦୃଢ଼ ସମର୍ଥନ ଜଣାଇଥିଲେ। ଆମ୍ ଆଦମୀ ପାର୍ଟିର ସମର୍ଥନ ଓ ସହଯୋଗ ପାଇ ରାଜ୍ୟ ଯୋଗାଣ ସହାୟକ କର୍ମଚାରୀ ସଂଘର ସଭାପତି ଶ୍ରୀ ସଞ୍ଜୀବ ଦାସ୍ ଖୁସି ପ୍ରକଟ କରିବା ସହ ସଂଘ ତତଫରୁ କୃତଜ୍ଞତା ଜ୍ଞାପନ କରିଥିଲେ।

# ଡ଼ ଲଲାଟେନ୍ଦୁ ସାହୁଙ୍କ 'ଘାଟ ମୁହାଁ ଡଙ୍ଗା'କୁ ୬ଷ୍ଠ ଅକ୍ଷୟ ଉପନ୍ୟାସ ପୁରସ୍କାର

ଭୁବନେଶ୍ୱର,(ଜା.ପ୍ର): ଉପନ୍ୟାସ ଲେଖିବା ହେଲା ଏକ କଠିନ ଅଧ୍ୟବସାୟ କାର୍ଯ୍ୟ। ଗୀତ, କବିତା ଲେଖା ସୁନା ରୂପା ଜରି କାମ କିନ୍ତୁ ଉପନ୍ୟାସ ଲେଖା ହେଲା କାଠ ପଥରର ଶିଳ୍ପ କଳା। ଅଗଣିତ କଫି କପ୍ ଓ ସିଗାରେଟ୍ ଧୂଆଁର ପ୍ରଚ୍ଛଦପଟର ଅନ୍ତରାଳରେ ଥାଏ କେତେ ନିର୍ଯାତିତ ଦିନ ଆଉ ନିଦ୍ରାହୀନ ରାତ୍ରିର ବିଡ଼ମ୍ବନା ବୋଲି ଜୟଦେବ ଭବନରେ ପ୍ରତିଭା ରାୟ ଫାଉଣ୍ଡେସନ ଟ୍ରଷ୍ଟ ଓ ଆଦ୍ୟା ପ୍ରକାଶନୀ ଆନୁକୂଲ୍ୟରେ ୬ଷ୍ଠ ଅକ୍ଷୟ ଉପନ୍ୟାସ ପୁରସ୍କାର ସମାରୋହରେ ମୁଖଅତିଥି ଭାବେ ଯୋଗ ଦେଇ ବିଶିଷ୍ଟ କବି ଦେବଦାସ ଛୋଟରାୟ କହିଛନ୍ତି।

ଟ୍ରଷ୍ଟର ସଭାପତି ପ୍ରତିଭା ରାୟ କହିଲେ, ଔପନ୍ୟାସିକ ଜୀବନର ସମସ୍ତ ପ୍ରଶ୍ନର ଉତ୍ତର ଜାଣି ନଥାନ୍ତି ଓ ପ୍ରଶ୍ନର ଉତ୍ତର ମଧ୍ୟ ଦେଇ ନଥାନ୍ତି। କିନ୍ତୁ ସେ ପ୍ରଶ୍ନ କରିବାର ସାହସ ରଖନ୍ତି। ମନୁଷ୍ୟର ସମସ୍ତ ଦୁର୍ବଳତା ସତ୍ତ୍ୱେ ତା' ଭିତରେ ଥିବା ମନୁଷ୍ୟତାକୁ ଆବିଷ୍କାର କରନ୍ତି। ଜୀବନ ଦୃଷ୍ଟି, ଅନ୍ତର୍ଦୃଷ୍ଟି, ସତ୍ୟାନ୍ୱେଷଣ ଓ ମାନବିକତା ହିଁ ଉପନ୍ୟାସର ପ୍ରକୃତ ଆତ୍ମା। ଅବଶ୍ୟ କାହାଣୀ ବିନା ଉପନ୍ୟାସର ସ୍ଥିତି ନାହିଁ। କିନ୍ତୁ ଦର୍ଶନ ବିନା ଉପନ୍ୟାସର ଜୀବନ ନାହିଁ।

ଏହି ଅବସରରେ 'ଘାଟ ମୁହାଁ ଡଙ୍ଗା' ଉପନ୍ୟାସ ପାଇଁ ଡ଼ ଲଲାଟେନ୍ଦୁ ସାହୁଙ୍କୁ 'ଅକ୍ଷୟ ଚନ୍ଦ୍ର ରାୟ'ଙ୍କ ସ୍ମୃତିରେ ଅକ୍ଷୟ ଉପନ୍ୟାସ ପୁରସ୍କାର ଓ 'ପକ୍ଷୀଘର' ପ୍ରକାଶନର ବନୋଜ ତ୍ରିପାଠୀଙ୍କୁ 'ସୁଧୀ ପ୍ରକାଶକ ସମ୍ମାନ' ଓ ଇଂ ପ୍ରଶାନ୍ତ କୁମାର ଆଚାର୍ଯ୍ୟଙ୍କୁ ପ୍ରିୟ ପାଠକ ସମ୍ମାନ ପ୍ରଦାନ କରାଯାଇଥିଲା।

'ଘାଟ ମୁହାଁ ଟଙ୍ଗା' ଉପନ୍ୟାସ ପାଇଁ ପୁରସ୍କୃତ ଔପନ୍ୟାସିକ ଡ଼ ଲଲାଟେନ୍ଦୁ ସାହୁଙ୍କୁ



ମାନପତ୍ର, ଉତ୍ତରୀୟ ସହ ୧ଲକ୍ଷ ଟଙ୍କା ପ୍ରଦାନ କରାଯାଇଥିଲା। ଏହି ଅବସରରେ ଡ଼ ସାହୁ କହିଥିଲେ, ମେଘ ମାଟିକୁ ପ୍ରତାରିତ କରି ନପାରି ଭିଜାଏ। ପ୍ରକୃତିକୁ ସଜାଏ। ଅନୁଭୂତି, ଅନୁଭବ, ମାର୍ଗଦର୍ଶନ, ଦିଗ୍ଦର୍ଶନ ମାଧ୍ୟମରେ ଯୁବ ଔପନ୍ୟାସିକଙ୍କ ହାତ ଧରି ବାଟ କଢ଼ାଇ ପାହାଚ ପରେ ପାହାଚ ଚଢ଼ାଇ ପ୍ରତିଭା ରାୟ ଫାଉଣ୍ଡେସନ ଟ୍ରଷ୍ଟ ଓ ଆଦ୍ୟା ପ୍ରକାଶନୀର ସାଧୁତାସମ୍ପନ୍ନ ବିଚାରକମଣ୍ଡଳି ଯେଉଁ ଈର୍ଷଣୀୟ ଉଦାହରଣ ସୃଷ୍ଟି କରିଛନ୍ତି, ତାହାର ମହାର୍ଘ ଉପଲବ୍ଧି ମୋତେ ପ୍ରାପ୍ତ ହୋଇଥିବାରୁ ମୁଁ ନିଜକୁ ଭାଗ୍ୟବାନ ମନେ କରୁଛି।

ପୁରସ୍କାର ଚୟନ ମଣ୍ଡଳିର ଆବାହକ ପ୍ରଫେସର ବସନ୍ତ କୁମାର ପଣ୍ଡା କହିଥିଲେ, ଚଳିତ ବର୍ଷ ଅକ୍ଷୟ ଚନ୍ଦ୍ର ରାୟ ଉପନ୍ୟାସ ପୁରସ୍କାରରେ ସମ୍ମାନିତ ହୋଇଥିବା ଡ଼ ଲଲାଟେନ୍ଦୁ ସାହୁଙ୍କର 'ଘାଟ ମୁହାଁ ଡଙ୍ଗା' ଏକ ସକରାତ୍ମକ ଜୀବନବାଦୀ ଉପନ୍ୟାସ। ଦୁଷ୍କର୍ମର ଶିକାର ହୋଇ ସମାଜରେ ଯାବତୀୟ ଲାଞ୍ଛନା ସହି ନିଜର ଆତ୍ମବିଶ୍ୱାସ, ସାହସ ଓ ସଂଘର୍ଷ ବଳରେ ପୁଣି ଦମ୍ଭ ଧରି ଠିଆ ହୋଇ ଜୀବନକୁ ପୁଣି ନୂଆ ଭାବେ ଆବିଷ୍କାର କରିଥିବା ଜଣେ ନାରୀର ମର୍ମସ୍ପର୍ଶୀ କାହାଣୀ ଏଥିରେ ଅଭିବ୍ୟଞ୍ଜିତ।

ଉତ୍ସବରେ ମୁଖ୍ୟବକ୍ତା ଭାବେ ବିଶିଷ୍ଟ ଲେଖକ ଗୌରହରି ଦାସ ତାଙ୍କ ବକ୍ତବ୍ୟରେ କହିଥିଲେ, ସାଧାରଣ ଲୋକ ଗୋଟିଏ ଜୀବନର ଦୁଃଖ ଭୋଗିଥାଏ, ଲେଖକଙ୍କୁ ଅନେକଗୁଡ଼ିଏ ଜୀବନର ଦୁଃଖ ଭୋଗିବାକୁ ପଡ଼େ। ଏ ସବୁ ଭୋଗିଲେ ଯାଇ ସେ ସତ୍ୟ ଉଦ୍ଘାଟନ କରିପାରେ।

ପ୍ରାରମ୍ଭରେ ଅନୁଷ୍ଠାନର ଉପସଭାପତି ଡ଼ ଆଦ୍ୟାଶା ଦାସ ଟ୍ରଷ୍ଟର କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେବା ସହ ସ୍ୱାଗତ ଭାଷଣ ଦେଇଥିଲେ। ଟ୍ରଷ୍ଟର ଅନ୍ୟତମ ସଦସ୍ୟ ଡ଼ ଲଳିତ ଦାସ ଧନ୍ୟବାଦ ଅର୍ପଣ କରିଥିଲେ। ଡ଼ ମୃତ୍ୟୁଞ୍ଜୟ ରଥଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ପୁରସ୍କାର ଉତ୍ସବରେ ବହୁ ସଂଖ୍ୟାରେ ସାହିତ୍ୟିକ, ସାମ୍ବାଦିକ, ବୁଦ୍ଧିଜୀବୀ ଓ ଶୁଭେଚ୍ଛୁ ଯୋଗ ଦେଇଥିଲେ।

ପୃଷ୍ଠା-୬, ଭୁବନେଶ୍ୱର
ସେପ୍ଟେମ୍ବର ୨୧ରୁ ସେପ୍ଟେମ୍ବର ୨୭, ୨୦୨୬

ଜାତୀୟ ଚେତନା
JATIYA CHETANA

Page-6, Bhubaneswar
September 21 to September 27, 2026



# ମଣିଷ ପକ୍ଷୀ

ରାସ୍ତାର ମୋଡ଼ ବଦଳିଲା ପରି ମଣିଷ ଜୀବନରେ ଅନେକ ମୋଡ଼ ବଦଳେ। ମରା ମରା କହୁ କହୁ ରାମ ରାମ କହି ଦସ୍ୟୁ ରତ୍ନାକର ବାଲ୍ମୀକି ଋଷି ହୋଇ ପ୍ରସିଦ୍ଧି ଲାଭ କରିବା କଥା କିଏ ନଜାଣେ ? ସାଧୁ ବାବା ଜଣେ ନିଜ କମଣ୍ଡଳୁରେ ରଖିଥିବା ଜଳକୁ ଅମୃତ ଜଳ କହି ସେହି ବିଷାଦଗ୍ରସ୍ତ ଲୋକଟିକୁ ଦେଇ ତା ଜୀବନର ମୋଡ଼ ବଦଳେଇବାକୁ ଚାହିଁ କହିଥିଲେ ଏହାକୁ ପିଇଲେ ତୁମେ ଅମରତ୍ୱ ପ୍ରାପ୍ତ ହେବ ବା ତୁମ ପରିବାରର ଯିଏ ଏହାକୁ ପିଇବ ସେ ଅମରତ୍ୱ ପାଇବ। ସାଧୁ ଦେଖିଲେ ଲୋକଟି ତାହା ନେଇ ତା ପୁଅକୁ ଦିଅନ୍ତେ ସେ ସେସବୁ ନେଇ ଭଉଣୀକୁ ଦେଲା। ଭଉଣୀ ସବୁ ଜାଣି ମାଆକୁ ଦେବାରୁ ମାଆ ନିଜ ସ୍ୱାମୀ ଅର୍ଥାତ ତା ସେହି ଲୋକଟିକୁ ଦେଇ ପିଇବାକୁ କହିବାରୁ ସମସ୍ତ ପରିବାର ମିଶି ନିର୍ଣ୍ଣୟ କଲେ କେହି ଜଣେ ପରିବାରର ବଞ୍ଚି ଲାଭ କଣ ବରଂ ଏ ଅମୃତ ଜଳ ସାଧୁଙ୍କୁ ଫେରେଇ ଦେବା। ସାଧୁ ସମସ୍ତ ଘଟଣା ସନ୍ଦର୍ଶନ କରି ବୁଝିଗଲେ ପରିବାରରେ ମୋଡ଼ ବଦଳି ଯାଇଛି। ତାଙ୍କର ସେଦିନ ହୃଦବୋଧ ହେଲା ସୃଷ୍ଟିର ମୋଡ଼ ନିଶ୍ଚୟ ବଦଳିବ.ସ୍ନେହ,ଶ୍ରଦ୍ଧା,ଆନ୍ତରିକତାର ଫୁଲ ଫୁଟି ବିକଶିତ ହେବ। ସୃଷ୍ଟିର ବିଲୟ ନୁହଁ ବରଂ ତିଷ୍ଠି ରହିବାର ଏହା ଏକ ବୈପ୍ଳବିକ ମୋଡ଼। ସେହି ଲୋକଜଣଙ୍କ ସୁଦାମ କିନ୍ତୁ ଭାବୁଥିଲେ ସାଧୁଙ୍କୁ ସେ ଅମୃତ ଜଳ ଫେରେଇ ନଦେଇ ତାଙ୍କ ପାରିବାରର ସବୁଠୁ ଗେଲା ଛୋଟ ସଦସ୍ୟ କୁକୁର ଟମିକୁ ତ ଦିଆଯାଇପାରିଥାନ୍ତା !ସ୍ୱାମୀଙ୍କ ଚିନ୍ତାର କାରଣ ଜାଣିପାରି ସ୍ତ୍ରୀ କହିଲେ ବ୍ୟସ୍ତ ହୁଅନାହିଁ ସରକାର କୁକୁରମାନଙ୍କ ଜୀବନର ମୋଡ଼ ବଦଳେଇ ତାଙ୍କ ଥଇଥାନ ପାଇଁ ଚିନ୍ତା କରୁଛନ୍ତି। ସୁଦାମ ଭାବୁଥିଲେ ମଣିଷର ଆଚରଣ ଓ ଉଚ୍ଚାରଣରେ ପରିବର୍ତ୍ତନ ନଘଟିଲେ ମୋଡ଼ ବଦଳିପାରେ କିନ୍ତୁ ହୁଏତ ସୁଫଳ ପ୍ରାପ୍ତି ହେବନାହିଁ। କୁକୁର ଚାହେଁ ମଣିଷର ବଳକା ଖାଦ୍ୟ। ଫୋପାଡି ନଦେଇ ସେମାନଙ୍କୁ ଦେବା କ୍ଷତି କଣ !ଦ୍ୱିତୀୟରେ ଅଯଥା ସେମାନଙ୍କୁ ଟେକା ପଥର ଫିଙ୍ଗିବା, ବାଡ଼ିରେ ବାଡେଇବା, ଲାଙ୍ଗୁଡ଼ରେ ତାଳଫୋଟକା ବାଣ ବାନ୍ଧି ଓ ନିଆଁ ସଂଯୋଗ କରି ଫୁଟାଇ ଡରାଇବା କଣ ଦରକାର। ଏସବୁ ଆଚରଣ ସ୍ଥଗିତ ଦିଗରେ ମଣିଷର ମାନସିକତାରେ ପରିବର୍ତ୍ତନର ମୋଡ଼ ସହ ସେମାନଙ୍କୁ ଗରମ ପାଣି କି ତେଲ ନଫିଙ୍ଗି ବରଂ ତାଙ୍କ ଛୋଟ ମୋଟ ସ୍ୱାସ୍ଥ୍ୟରକ୍ଷା ପାଇଁ ପଶୁଡାକ୍ତରମାନେ ସହାୟକ ହୁଅନ୍ତେ ତେବେ ନିଶ୍ଚୟ ଶ୍ୱାନମାନଙ୍କ ଜୀବନର ମୋଡ଼ ବଦଳି ଯାଆନ୍ତା। ସେମାନଙ୍କ କ୍ଷୁଦ୍ର ମସ୍ତିଷ୍କ ସକ୍ରିୟ ହୁଅନ୍ତା। ତାଙ୍କ ଭିତରେ ଆକ୍ରମଣାତ୍ମକ ମନୋଭାବ ପରିବର୍ତ୍ତେ ସେହି ସ୍ୱର୍ଗୀୟ ବିଶ୍ୱସ୍ତ ରହିବା ଗୁଣ ଆହୁରି ବିକଶିତ ହୁଅନ୍ତା।

ଯୋଉ ଗଳି କନ୍ଦିରେ ଯୋଉଠି ଯେଉଁ କୁକୁର ରହିଥିବେ ଦଳ ବାନ୍ଧି ସେହି ଏରିଆରେ ଅନ୍ୟ କୋଉ ନୂଆ କୁକୁର ଆସିଲେ ସେମାନେ ଏମିତି ବିରୋଧ କରନ୍ତି ଯେ ନୂଆ କୁକୁରକୁ ଦଳରେ ମିଶେଇ ଦିଅନ୍ତି ନାହିଁ। ତ ନୂଆ କୁକୁରଟି ଲାଙ୍ଗୁଡ଼ ଜାକି ପଳେଇଯାଏ ବା କୁଁ କୁଁ ହେଇ ନେହୁରା ହେଉଥାଏ। ସତେ ଯେମିତି କହୁଥାଏ ମତେ ନିଜ ଜାତିର ଭାବି ତୁମ ଦଳରେ ମିଶାଇ ଦିଅ ଦେଖିବ ମୁଁ ଦିନେ ତୁମ ସାଙ୍ଗ ହୋଇ ତୁମ ଅନୁଗତ ରହିବି। ପୁରୁଣା ଦଳ କୁକୁମାନେ ମାନନ୍ତି ନାହିଁ ସହଜରେ। ଦାନ୍ତ ନିକୁଟି ନୂଆ ଆସିଥିବା କୁକୁରକୁ ଏମିତି ସତ୍କାରନାମରେ ବିରୋଧ କରନ୍ତି ବିଚରା ଅନ୍ୟ କୋଉଠୁ ଆସିଥିବା କୁକୁରଟି କ୍ୱେ ପଳାଏ ଏରିଆ ଛାଡ଼ି ତ କ୍ୱେ କୁଁ କୁଁ ହେଉଥାଏ। ଏମିତି ଗୋଟେ କୁକୁରର କୁଁ କୁଁ ଯନ୍ତ୍ରଣା କାତର ସ୍ୱର ଶୁଭୁଥିଲା ରାତି ସାରା ଦାସବାବୁଙ୍କ ଘରକୁ ତ ତାଙ୍କ ସ୍ତ୍ରୀ ସିନା ଉପରୋକ୍ତ କଥା ସବୁ ଭାବୁଥିଲେ କିନ୍ତୁ ଦାସ ବାବୁ ଶୋଇନପାରି ଦାନ୍ତ ରଗଡୁ ରଗଡୁ ଭାବୁଥିଲେ ସକାଳେ ବୁଝୁଛି ତୋ କଥା !

ସକାଳ ହେଲା। ସବୁଦିନ ଭଳି କାଉର କା କା ଶବ୍ଦ ସାଙ୍ଗକୁ ପାଣି ଟ୍ୟାପରୁ ଝରିଆସୁଥିବା ପାଣିର ଶବ୍ଦ ସବୁ ପ୍ରତିଧ୍ୱନିତ୍ୱ ହେଉଥିଲା ଘର, ଅଗଣା, ବଗିଚା ତ ଦାସବାବୁ ଚାଲିଲେ ବଗିଚା ଆଡ଼େ। ଦେଖିଲା ବେଳକୁ ସେଠି କୁନା କେତେବେଳୁ ଉଠି ରାତି ସାରା କୁଁ କୁଁ ହେଉଥିବା କୁକୁରଟିର ସେବା କରିବା ପାଇଁ ବେଟାଡାଇନ, ଅଖା, କିଛି ବିସ୍କୁଟ ଓ କ୍ଷୀର ଧରି ଆସିଛି ତା ପାଖକୁ। ପ୍ରଥମେ କୁନା ଆଖିରେ ଆଖି ମିଶେଇ କୁକୁରଟି ବିଶ୍ୱାସ କରିପାରୁନଥିଲା ଇଏ ତାର ପୂର୍ବ କୁକୁର ମାନଙ୍କ ପରି ତାକୁ ଆହୁରି କ୍ଷତାକ୍ତ କରିବାକୁ ଆସିଛି ଶତ୍ରୁ ଭାବି ନା ଆଉ କିଛି ! କୁକୁରଟି ବେଶି ବେଶି କୁଁ କୁଁ ହେଲାବେଳକୁ ବାପା ଦାସବାବୁ ସେଇଠି ପହଞ୍ଚି ଯାଇଥିଲେ। ଏତେ ଖଣ୍ଡିଆ ଖାବେରା ଅବସ୍ଥାରେ ମଧ୍ୟ କୁକୁରଟି ଉଠିପଡ଼ି ପଳେଇବାକୁ ବସିଥିଲା ତ ମନ ବଦଳିଗଲା ଦାସ ବାବୁଙ୍କର। ଆଖିର ରଙ୍ଗ ବଦଳିଗଲା ତ ଚୁ ଚୁ ଡାକୁଥିଲେ ପୁଅ କୁନା ସହ। ତାଙ୍କ ଆଖିର ଦୟା କୁକୁରର ସମଗ୍ର ପ୍ରାଣକୁ ଖେଦି ଗଲା ଯେମିତି। ପଳେଇ ନଯାଇ ଶୋଇ ରହିଲା କୁକୁରଟି। କୁନା ଔଷଧ ଲଗେଇ ଦେବାରୁ ତା ହାତରୁ ବିସ୍କୁଟ ଖାଉଥିଲା ଓ କ୍ଷୀର ପିଇ ଆରାମରେ ଶୋଇଯାଇଥିଲା। ସତରେ ବିଶ୍ୱାସ ରେ ନିଶ୍ୱାସ ନେବାକୁ ହେଲେ ଆଖିରୁ ଆତ୍ମାକୁ ବିଶ୍ୱାସ ସଞ୍ଚରି ଗଲେ ବନ୍ଧୁତା ଓ ନିଜର ପଣିଆ ସୃଷ୍ଟି ହୁଏ ବୋଲି ଦାସ ବାବୁ ପୁଣି ଅନୁଭବ କରିବା ବେଳେ ମୁନା ଆଖିରେ ମଧ୍ୟ ସେଇ ଭାବ ଦେଖି ତା ମୁଣ୍ଡ ଆଉଁସି ଦେଉଥିଲେ ବାପା ଦାସବାବୁ। ଶୋଇପଡ଼ିଥିଲା କୁକୁରଟି ନିଶ୍ଚିନ୍ତରେ.ମୁନା ଅଖା ପାରି ଅଖା ଘୋଡେଇ ଦେଇଥିଲା କୁକୁରଟିକୁ।

କୁକୁରଟି ଆସ୍ତେ ଆସ୍ତେ ସୁସ୍ଥ ତଥା ବିଶ୍ୱସ୍ତ ହୋଇ ନାଁଟିଏ ପାଇଗଲା ଟମି ଆଉ ମୁନା ପଛେ ପଛେ ବଗିଚା ସାରା ଗୋଡାଉ ଗୋଡାଉ ହେଇଗଲା ପୋଷା। ଘରକୁ ଆସୁଥିବା ଲୋକଙ୍କ ଆଖିକୁ ଚାହିଁ ପ୍ରାଣକୁ ଛୁଇଁ ଯାଉଥିଲା ତାର କିଏ ମିତ୍ର କିଏ ଶତ୍ରୁ। ଅସୁବିଧା ହେଲା କାହାକୁ ଭୁଲିଲା ତ କାହା ଦେହରେ ଲାଙ୍ଗୁଡ଼ ଘଷିଲା। ଘରକୁ ଆସୁଥିବା ଲୋକେ ବୁଝିଗଲେ ବି ଦୁଆର ଆଗ ଦେଇ ଯା ଆସ କରୁଥିବା ସେହି ଗଳିର କୁକୁର ଦଳ ଯେମିତି ତା ପ୍ରତି ଅସହିଷ୍ଣୁ ଥିଲେ ସେମିତି ଥିଲେ କେତେକ ଲୋକ। ଯେଉଁମାନେ କି ଦୃଷ୍ଟି ପହଁରେଇ ଆଖିରେ ଆଖି ମିଶାଇବା ବେଳେ ଟମିର ପ୍ରାଣକୁ ଛୁଇଁ ଯାଉଥିଲା କାହା ଚାହାଣୀ କହୁଛି କୋଉ ଭାଷା। ସତରେ କୁକୁର ମାନଙ୍କ ଘ୍ରାଣ ଓ ଦୃଷ୍ଟି ପ୍ରାଣକୁ ସଞ୍ଚରି ସେ ବୁଝିଯାଏ ଓ ପଢିପାରେ ଆଖିର ଭାଷା ସହିତ ହୃଦୟର ଲେଖା। ତାର ଏଇ ଭାବନା ସତ ହେଲା ଯେବେ ଲୋକେ ତାଗିଦା କଲେ ଦାସବାବୁଙ୍କୁ କୁକୁରକୁ ବାନ୍ଧି ରଖିବାକୁ। ପୁଣି କିଏ ପଡିଯାଇ ଆଣ୍ଠୁଡ଼ି ହେଲେ କହିଲେ ତୁମ କୁକୁର ଗୋଡ଼େଇବାରୁ ପଡିଲି.

କଥା ସେତିକିରେ ସରିନଥିଲା। ଆଖିରୁ ପ୍ରାଣ ଯାଏଁ ଛୁଇଁ ଯାଉଥିବା ଲୋକଙ୍କ ଆଚରଣ ଓ ଉଚ୍ଚାରଣ ବୁଝି ଏଣିକି ଟମି ଆସି ମୁନାକୁ କେବଳ ଅଭିଯୋଗ କରୁନଥିଲା ବରଂ କାହାକୁ କାହାକୁ କାମୁଡି ବି ଦେଉଥିଲା। ଏଥର ଆରମ୍ଭ ହୋଇଗଲା ପ୍ରକୃତ ଶତ୍ରୁତା। ଲୋକେ ଆସି ଦୁଆରେ ପାଟି ତୁଣ୍ଡ କଲେ। କୁକୁରକୁ ବାନ୍ଧି ରଖ କହୁ କହୁ ଛାଡ଼ ଶୀଘ୍ର କହିଲେ। ଇଞ୍ଜେକେସନ ପାଇଁ ପଇସା ନେଉଥିଲେ ବି ଟମିର ଘର ଓ ଘର ଲୋକଙ୍କ ପ୍ରତି କୃତଜ୍ଞତା ଭାବ ବୁଝି ଅସହିଷ୍ଣୁ ହୋଇ ବକା କଢା କରିବାରୁ ମୁନା ବାପାଙ୍କ ସହ ଯାଇ  ନେକ୍ସଟ ଷ୍ଟେସନରେ କୁକୁରଟିକୁ ଛାଡି ଦେଇ ଆସିବା ପରେ ମୁନାକୁ ଜ୍ୱର ଛାଡୁନଥିଲା। ଡାକ୍ତର ଯେତେ ଔଷଧ ଦେଲେ ମଧ୍ୟ ମୁନାର ଆଖିରୁ ହୃଦୟ ହୋଇ ପ୍ରାଣ ଯାହାକୁ ଖୋଜୁଥିଲା ତାକୁ ଛାଡିସାରିବା ପରେ ସେହି ନେକ୍ସଟ ଷ୍ଟେସନରେ ଯେତେ ଖୋଜିଲେ ମଧ୍ୟ ଟମିକୁ ନପାଇ ନିରାଶରେ ଫେରୁଥିବା ବେଳେ ବାପା ଭାବୁଥିଲେ ଏ ଜୀବନେ ଆଉ ନାହିଁ ଦେଖା। ଏ ଭିତରେ ମୁନା ବଡ଼ ହୋଇ ଚାକିରୀ କରି ବାହା ହେବା ପରେ ପୁଅ ତାର କୁକୁରଟିଏ ଆଣିଦେବାକୁ କହୁଥିଲା ତ ଦାନ୍ତ ଭାଙ୍ଗି କୁକୁର ପାଳିବାକୁ କହୁଥିଲେ ମଧ୍ୟ ମୁନା ରାଜି ନଥିଲା.ରାସ୍ତାର ମୋଡ଼ ବଦଳିଲା ପରି ମଣିଷ ଜୀବନରେ ଅନେକ ମୋଡ଼ ବଦଳେ। ମରା ମରା କହୁ କହୁ ରାମ ରାମ କହି ଦସ୍ୟୁ ରତ୍ନାକର ବାଲ୍ମୀକି ଋଷି ହୋଇ ପ୍ରସିଦ୍ଧି ଲାଭ କରିବା କଥା କିଏ ନଜାଣେ ? ସାଧୁ ବାବା ଜଣେ ନିଜ କମଣ୍ଡଳୁରେ ରଖିଥିବା ଜଳକୁ ଅମୃତ ଜଳ କହି ସେହି ବିଷାଦଗ୍ରସ୍ତ ଲୋକଟିକୁ ଦେଇ ତା ଜୀବନର ମୋଡ଼ ବଦଳେଇବାକୁ ଚାହିଁ କହିଥିଲେ ଏହାକୁ ପିଇଲେ ତୁମେ ଅମରତ୍ୱ ପ୍ରାପ୍ତ ହେବ ବା ତୁମ ପରିବାରର ଯିଏ ଏହାକୁ ପିଇବ ସେ ଅମରତ୍ୱ ପାଇବ। ସାଧୁ ଦେଖିଲେ ଲୋକଟି ତାହା ନେଇ ତା ପୁଅକୁ ଦିଅନ୍ତେ ସେ ସେସବୁ ନେଇ ଭଉଣୀକୁ ଦେଲା। ଭଉଣୀ ସବୁ ଜାଣି ମାଆକୁ ଦେବାରୁ ମାଆ ନିଜ ସ୍ୱାମୀ ଅର୍ଥାତ ତା ସେହି ଲୋକଟିକୁ ଦେଇ ପିଇବାକୁ କହିବାରୁ ସମସ୍ତ ପରିବାର ମିଶି ନିର୍ଣ୍ଣୟ କଲେ କେହି ଜଣେ ପରିବାରର ବଞ୍ଚି ଲାଭ କଣ ବରଂ ଏ ଅମୃତ ଜଳ ସାଧୁଙ୍କୁ ଫେରେଇ ଦେବା। ସାଧୁ ସମସ୍ତ ଘଟଣା ସନ୍ଦର୍ଶନ କରି ବୁଝିଗଲେ ପରିବାରରେ ମୋଡ଼ ବଦଳି ଯାଇଛି। ତାଙ୍କର ସେଦିନ ହୃଦବୋଧ ହେଲା ସୃଷ୍ଟିର ମୋଡ଼ ନିଶ୍ଚୟ ବଦଳିବ.ସ୍ନେହ,ଶ୍ରଦ୍ଧା,ଆନ୍ତରିକତାର ଫୁଲ ଫୁଟି ବିକଶିତ ହେବ। ସୃଷ୍ଟିର ବିଲୟ ନୁହଁ ବରଂ ତିଷ୍ଠି ରହିବାର ଏହା ଏକ ବୈପ୍ଳବିକ ମୋଡ଼। ସେହି ଲୋକଜଣଙ୍କ ସୁଦାମ କିନ୍ତୁ ଭାବୁଥିଲେ ସାଧୁଙ୍କୁ ସେ ଅମୃତ ଜଳ ଫେରେଇ ନଦେଇ ତାଙ୍କ ପାରିବାରର ସବୁଠୁ ଗେଲା ଛୋଟ ସଦସ୍ୟ କୁକୁର ଟମିକୁ ତ ଦିଆଯାଇପାରିଥାନ୍ତା !ସ୍ୱାମୀଙ୍କ ଚିନ୍ତାର କାରଣ ଜାଣିପାରି ସ୍ତ୍ରୀ କହିଲେ ବ୍ୟସ୍ତ ହୁଅନାହିଁ ସରକାର କୁକୁରମାନଙ୍କ ଜୀବନର ମୋଡ଼ ବଦଳେଇ ତାଙ୍କ ଥଇଥାନ ପାଇଁ ଚିନ୍ତା କରୁଛନ୍ତି। ସୁଦାମ ଭାବୁଥିଲେ ମଣିଷର ଆଚରଣ ଓ ଉଚ୍ଚାରଣରେ ପରିବର୍ତ୍ତନ ନଘଟିଲେ ମୋଡ଼ ବଦଳିପାରେ କିନ୍ତୁ ହୁଏତ ସୁଫଳ ପ୍ରାପ୍ତି ହେବନାହିଁ। କୁକୁର ଚାହେଁ ମଣିଷର ବଳକା ଖାଦ୍ୟ। ଫୋପାଡି ନଦେଇ ସେମାନଙ୍କୁ ଦେବା କ୍ଷତି କଣ !ଦ୍ୱିତୀୟରେ ଅଯଥା ସେମାନଙ୍କୁ ଟେକା ପଥର ଫିଙ୍ଗିବା, ବାଡ଼ିରେ ବାଡେଇବା, ଲାଙ୍ଗୁଡ଼ରେ ତାଳଫୋଟକା ବାଣ ବାନ୍ଧି ଓ ନିଆଁ ସଂଯୋଗ କରି ଫୁଟାଇ ଡରାଇବା କଣ ଦରକାର। ଏସବୁ ଆଚରଣ ସ୍ଥଗିତ ଦିଗରେ ମଣିଷର ମାନସିକତାରେ ପରିବର୍ତ୍ତନର ମୋଡ଼ ସହ ସେମାନଙ୍କୁ ଗରମ ପାଣି କି ତେଲ ନଫିଙ୍ଗି ବରଂ ତାଙ୍କ ଛୋଟ ମୋଟ ସ୍ୱାସ୍ଥ୍ୟରକ୍ଷା ପାଇଁ ପଶୁଡାକ୍ତରମାନେ ସହାୟକ ହୁଅନ୍ତେ ତେବେ ନିଶ୍ଚୟ ଶ୍ୱାନମାନଙ୍କ ଜୀବନର ମୋଡ଼ ବଦଳି ଯାଆନ୍ତା। ସେମାନଙ୍କ କ୍ଷୁଦ୍ର ମସ୍ତିଷ୍କ ସକ୍ରିୟ ହୁଅନ୍ତା। ତାଙ୍କ ଭିତରେ ଆକ୍ରମଣାତ୍ମକ ମନୋଭାବ ପରିବର୍ତ୍ତେ ସେହି ସ୍ୱର୍ଗୀୟ ବିଶ୍ୱସ୍ତ ରହିବା ଗୁଣ ଆହୁରି ବିକଶିତ ହୁଅନ୍ତା.

ଯୋଉ ଗଳି କନ୍ଦିରେ ଯୋଉଠି ଯେଉଁ କୁକୁର ରହିଥିବେ ଦଳ ବାନ୍ଧି ସେହି ଏରିଆରେ ଅନ୍ୟ କୋଉ ନୂଆ କୁକୁର ଆସିଲେ ସେମାନେ ଏମିତି ବିରୋଧ କରନ୍ତି ଯେ ନୂଆ କୁକୁରକୁ ଦଳରେ ମିଶେଇ ଦିଅନ୍ତି ନାହିଁ। ତ ନୂଆ କୁକୁରଟି ଲାଙ୍ଗୁଡ଼ ଜାକି ପଳେଇଯାଏ ବା କୁଁ କୁଁ ହେଇ ନେହୁରା ହେଉଥାଏ। ସତେ ଯେମିତି କହୁଥାଏ ମତେ ନିଜ ଜାତିର ଭାବି ତୁମ ଦଳରେ ମିଶାଇ ଦିଅ ଦେଖିବ ମୁଁ ଦିନେ ତୁମ ସାଙ୍ଗ ହୋଇ ତୁମ ଅନୁଗତ ରହିବି। ପୁରୁଣା ଦଳ କୁକୁମାନେ ମାନନ୍ତି ନାହିଁ ସହଜରେ। ଦାନ୍ତ ନିକୁଟି ନୂଆ ଆସିଥିବା କୁକୁରକୁ ଏମିତି ସତ୍କାରନାମରେ ବିରୋଧ କରନ୍ତି ବିଚରା ଅନ୍ୟ କୋଉଠୁ ଆସିଥିବା କୁକୁରଟି କ୍ୱେ ପଳାଏ ଏରିଆ ଛାଡ଼ି ତ କ୍ୱେ କୁଁ କୁଁ ହେଉଥାଏ। ଏମିତି ଗୋଟେ କୁକୁରର କୁଁ କୁଁ ଯନ୍ତ୍ରଣା କାତର ସ୍ୱର ଶୁଭୁଥିଲା ରାତି ସାରା ଦାସବାବୁଙ୍କ ଘରକୁ ତ ତାଙ୍କ ସ୍ତ୍ରୀ ସିନା ଉପରୋକ୍ତ କଥା ସବୁ ଭାବୁଥିଲେ କିନ୍ତୁ ଦାସ ବାବୁ ଶୋଇନପାରି ଦାନ୍ତ ରଗଡୁ ରଗଡୁ ଭାବୁଥିଲେ ସକାଳେ ବୁଝୁଛି ତୋ କଥା !

ସକାଳ ହେଲା। ସବୁଦିନ ଭଳି କାଉର କା କା ଶବ୍ଦ ସାଙ୍ଗକୁ ପାଣି ଟ୍ୟାପରୁ ଝରିଆସୁଥିବା ପାଣିର ଶବ୍ଦ ସବୁ ପ୍ରତିଧ୍ୱନିତ୍ୱ ହେଉଥିଲା ଘର, ଅଗଣା, ବଗିଚା ତ ଦାସବାବୁ ଚାଲିଲେ ବଗିଚା ଆଡ଼େ। ଦେଖିଲା ବେଳକୁ ସେଠି କୁନା କେତେବେଳୁ ଉଠି ରାତି ସାରା କୁଁ କୁଁ ହେଉଥିବା କୁକୁରଟିର ସେବା କରିବା ପାଇଁ ବେଟାଡାଇନ, ଅଖା, କିଛି ବିସ୍କୁଟ ଓ କ୍ଷୀର ଧରି ଆସିଛି ତା ପାଖକୁ। ପ୍ରଥମେ କୁନା ଆଖିରେ ଆଖି ମିଶେଇ କୁକୁରଟି ବିଶ୍ୱାସ କରିପାରୁନଥିଲା ଇଏ ତାର ପୂର୍ବ କୁକୁର ମାନଙ୍କ ପରି ତାକୁ ଆହୁରି କ୍ଷତାକ୍ତ କରିବାକୁ ଆସିଛି ଶତ୍ରୁ ଭାବି ନା ଆଉ କିଛି ! କୁକୁରଟି ବେଶି ବେଶି କୁଁ କୁଁ ହେଲାବେଳକୁ ବାପା ଦାସବାବୁ ସେଇଠି ପହଞ୍ଚି ଯାଇଥିଲେ। ଏତେ ଖଣ୍ଡିଆ ଖାବେରା ଅବସ୍ଥାରେ ମଧ୍ୟ କୁକୁରଟି ଉଠିପଡ଼ି ପଳେଇବାକୁ ବସିଥିଲା ତ ମନ ବଦଳିଗଲା ଦାସ ବାବୁଙ୍କର। ଆଖିର ରଙ୍ଗ ବଦଳିଗଲା ତ ଚୁ ଚୁ ଡାକୁଥିଲେ ପୁଅ କୁନା ସହ। ତାଙ୍କ ଆଖିର ଦୟା କୁକୁରର ସମଗ୍ର ପ୍ରାଣକୁ ଖେଦି ଗଲା ଯେମିତି। ପଳେଇ ନଯାଇ ଶୋଇ ରହିଲା କୁକୁରଟି। କୁନା ଔଷଧ ଲଗେଇ ଦେବାରୁ ତା ହାତରୁ ବିସ୍କୁଟ ଖାଉଥିଲା ଓ କ୍ଷୀର ପିଇ ଆରାମରେ ଶୋଇଯାଇଥିଲା। ସତରେ ବିଶ୍ୱାସ ରେ ନିଶ୍ୱାସ ନେବାକୁ ହେଲେ ଆଖିରୁ ଆତ୍ମାକୁ ବିଶ୍ୱାସ ସଞ୍ଚରି ଗଲେ ବନ୍ଧୁତା ଓ ନିଜର ପଣିଆ ସୃଷ୍ଟି ହୁଏ ବୋଲି ଦାସ ବାବୁ ପୁଣି ଅନୁଭବ କରିବା ବେଳେ ମୁନା ଆଖିରେ ମଧ୍ୟ ସେଇ ଭାବ ଦେଖି ତା ମୁଣ୍ଡ ଆଉଁସି ଦେଉଥିଲେ ବାପା ଦାସବାବୁ। ଶୋଇପଡ଼ିଥିଲା କୁକୁରଟି ନିଶ୍ଚିନ୍ତରେ.ମୁନା ଅଖା ପାରି ଅଖା ଘୋଡେଇ ଦେଇଥିଲା କୁକୁରଟିକୁ.

କୁକୁରଟି ଆସ୍ତେ ଆସ୍ତେ ସୁସ୍ଥ ତଥା ବିଶ୍ୱସ୍ତ ହୋଇ ନାଁଟିଏ ପାଇଗଲା ଟମି ଆଉ ମୁନା ପଛେ ପଛେ ବଗିଚା ସାରା ଗୋଡାଉ ଗୋଡାଉ ହେଇଗଲା ପୋଷା। ଘରକୁ ଆସୁଥିବା ଲୋକଙ୍କ ଆଖିକୁ ଚାହିଁ ପ୍ରାଣକୁ ଛୁଇଁ ଯାଉଥିଲା ତାର କିଏ ମିତ୍ର କିଏ ଶତ୍ରୁ। ଅସୁବିଧା ହେଲା କାହାକୁ ଭୁଲିଲା ତ କାହା ଦେହରେ ଲାଙ୍ଗୁଡ଼ ଘଷିଲା। ଘରକୁ ଆସୁଥିବା ଲୋକେ ବୁଝିଗଲେ ବି ଦୁଆର ଆଗ ଦେଇ ଯା ଆସ କରୁଥିବା ସେହି ଗଳିର କୁକୁର ଦଳ ଯେମିତି ତା ପ୍ରତି ଅସହିଷ୍ଣୁ ଥିଲେ ସେମିତି ଥିଲେ କେତେକ ଲୋକ। ଯେଉଁମାନେ କି ଦୃଷ୍ଟି ପହଁରେଇ ଆଖିରେ ଆଖି ମିଶାଇବା ବେଳେ ଟମିର ପ୍ରାଣକୁ ଛୁଇଁ ଯାଉଥିଲା କାହା ଚାହାଣୀ କହୁଛି କୋଉ ଭାଷା। ସତରେ କୁକୁର ମାନଙ୍କ ଘ୍ରାଣ ଓ ଦୃଷ୍ଟି ପ୍ରାଣକୁ ସଞ୍ଚରି ସେ ବୁଝିଯାଏ ଓ ପଢିପାରେ ଆଖିର ଭାଷା ସହିତ ହୃଦୟର ଲେଖା। ତାର ଏଇ ଭାବନା ସତ ହେଲା ଯେବେ ଲୋକେ ତାଗିଦା କଲେ ଦାସବାବୁଙ୍କୁ କୁକୁରକୁ ବାନ୍ଧି ରଖିବାକୁ। ପୁଣି କିଏ ପଡିଯାଇ ଆଣ୍ଠୁଡ଼ି ହେଲେ କହିଲେ ତୁମ କୁକୁର ଗୋଡ଼େଇବାରୁ ପଡିଲି।

କଥା ସେତିକିରେ ସରିନଥିଲା। ଆଖିରୁ ପ୍ରାଣ ଯାଏଁ ଛୁଇଁ ଯାଉଥିବା ଲୋକଙ୍କ ଆଚରଣ ଓ ଉଚ୍ଚାରଣ ବୁଝି ଏଣିକି ଟମି ଆସି ମୁନାକୁ କେବଳ ଅଭିଯୋଗ କରୁନଥିଲା ବରଂ କାହାକୁ କାହାକୁ କାମୁଡି ବି ଦେଉଥିଲା। ଏଥର ଆରମ୍ଭ ହୋଇଗଲା ପ୍ରକୃତ ଶତ୍ରୁତା। ଲୋକେ ଆସି ଦୁଆରେ ପାଟି ତୁଣ୍ଡ କଲେ। କୁକୁରକୁ ବାନ୍ଧି ରଖ କହୁ କହୁ ଛାଡ଼ ଶୀଘ୍ର କହିଲେ। ଇଞ୍ଜେକେସନ ପାଇଁ ପଇସା ନେଉଥିଲେ ବି ଟମିର ଘର ଓ ଘର ଲୋକଙ୍କ ପ୍ରତି କୃତଜ୍ଞତା ଭାବ ବୁଝି ଅସହିଷ୍ଣୁ ହୋଇ ବକା କଢା କରିବାରୁ ମୁନା ବାପାଙ୍କ ସହ ଯାଇ  ନେକ୍ସଟ ଷ୍ଟେସନରେ କୁକୁରଟିକୁ ଛାଡି ଦେଇ ଆସିବା ପରେ ମୁନାକୁ ଜ୍ୱର ଛାଡୁନଥିଲା। ଡାକ୍ତର ଯେତେ ଔଷଧ ଦେଲେ ମଧ୍ୟ ମୁନାର ଆଖିରୁ ହୃଦୟ ହୋଇ ପ୍ରାଣ ଯାହାକୁ ଖୋଜୁଥିଲା ତାକୁ ଛାଡିସାରିବା ପରେ ସେହି ନେକ୍ସଟ ଷ୍ଟେସନରେ ଯେତେ ଖୋଜିଲେ ମଧ୍ୟ ଟମିକୁ ନପାଇ ନିରାଶରେ ଫେରୁଥିବା ବେଳେ ବାପା ଭାବୁଥିଲେ ଏ ଜୀବନେ ଆଉ ନାହିଁ ଦେଖା। ଏ ଭିତରେ ମୁନା ବଡ଼ ହୋଇ ଚାକିରୀ କରି ବାହା ହେବା ପରେ ପୁଅ ତାର କୁକୁରଟିଏ ଆଣିଦେବାକୁ କହୁଥିଲା ତ ଦାନ୍ତ ଭାଙ୍ଗି କୁକୁର ପାଳିବାକୁ କହୁଥିଲେ ମଧ୍ୟ ମୁନା ରାଜି ନଥିଲା।

ସ୍କୁଲ ଖୋଲିଲା ବେଳେ ପିଲାଙ୍କ ପଛେ ପଛେ ହତା ଭିତରକୁ ପଶି ଆସୁଥିବା କୁକୁରମାନଙ୍କୁ ଠେଙ୍ଗା ଧରି ହୁରୁଡେଇ ଦିଅନ୍ତି ବସନ୍ତ ମଉସା ତ ଭିତରକୁ ଆସିପାରନ୍ତି ନାହିଁ ପ୍ରାୟ ସେମାନେ। କିନ୍ତୁ ଛୁଟି ବେଳେ ପିଲାମାନେ ଦଳ ଦଳ ହୋଇ ବାହାରିଲେ କୋଉଠି ଥାଆନ୍ତି ପିଲାଙ୍କ ପଛେ ପଛେ ଯାଉଥାଆନ୍ତି କେଉଁ ଅଜଣା ଆକର୍ଷଣରେ କେଜାଣି, ବୁଝିପାରନ୍ତି ନାହିଁ ସବୁ ପିଲା, ବିନା କାରଣରେ ଟେକା ଗୋଟେଇ ଫିଙ୍ଗି ଦିଅନ୍ତି ତାଙ୍କ ଉପରକୁ। କେଁ କେଁ ହୋଇ ରଡି ଛାଡ଼ି,କଷ୍ଟ ପାଇ ମଧ୍ୟ ଆଗେଇ ଚାଲନ୍ତି ପିଲାଙ୍କ ପଛେ ପଛେ ତ ମୁନା ଝିଅ ମୁନି କହେ, କାହିଁକି ତାକୁ ଟେକା ମାରି ଖଣ୍ଡିଆ କରୁଛ ? ? କେହି କେହି ଉତ୍ତର ଦିଅନ୍ତି କାମୁଡିଲେ ଜାଣିବୁ। ମୁନି କହେ କେବେ କାମୁଡିବ ନାହିଁ। ଆଘାତ ପାଇଲେ ସିନା କାମୁଡିବ ନହେଲେ କାହିଁକି କାମୁଡିବ। ହେଁ ହେଁ, ଫେଁ ଫେଁ ହୋଇ କିଛି ପିଲା ସାଇକେଲରେ ଚାଲିଯାଆନ୍ତି ତ କିଛି ପିଲା ଆଗ ପଛ ହୋଇ ଯାଉଥାଆନ୍ତି। ମୁନି କହେ ଦେଲେ ଦିଅ ନଦେଲେ ନାହିଁ କୁକୁରକୁ ଆଘାତ ଦେଇ କଷ୍ଟ ଦେବା କଣ ଦରକାର କହି କୁକୁର ଦୁଇଟିଙ୍କୁ ଚାହିଁଲା ମୁନି। ସେମାନେ ବି ଚାହିଁଲେ ମୁନିକୁ। ସେ ଚାହାଣୀ ଭାରି ଆପଣାର, ସତେ ଯେମିତି ପଚାରୁଥିଲେ, ଘର ଯାଏଁ ଯିବୁ ଆମେ। ମୁନି ହସିଦେଲା।

ଟିକେ ରହିଯାଇ ମୁନି ଟିଫିନ ଖୋଲିଲା। ସ୍କୁଲରେ ମଧ୍ୟାହ୍ନ ଭୋଜନ ଖାଇ ଆଉ ବିସ୍କୁଟ ଖାଇବାକୁ ବେଳ ପାଇନଥିଲା। ସେ ରହିଯିବା ଦେଖି କୁକୁର ଦୁଇଟି ମଧ୍ୟ ରହିଗଲେ, ସତେ ଯେମିତି ପଚାରୁଥିଲେ, କିଛି ଅସୁବିଧା ହେଲାକି ମୁନି, ସତେକି ବଡିଗାର୍ଡ । ଭାରି ନିରୀହ ସେ ଚାହାଣୀ, ଭାରି ବିଶ୍ୱସ୍ତ ପଶୁ। ସେଇ ଦୁଇଜଣଙ୍କୁ ବିସ୍କୁଟତକ ଦେବାକୁ ଇଛା କରି ମୁନି ଚୁ ଚୁ କରି ଢାଳିଦେଇଥିଲା ଘାସ ଉପରେ। ସେମାନେ ଖାଇଛନ୍ତି କି ନାହିଁ, ଢ଼ୋ ଢ଼ୋ କରି ଟେକା ଦୁଇଟି ବାଜିଲା ଆସି, କେଁ କେଁ ହୋଇ ଛୋଟା ଗୋଡ଼ରେ ଦଉଡି ପଳାଇଗଲେ। ମୁନି ଚାରିଆଡକୁ ଆଖି ବୁଲାଇ କାହାକୁ ପାଇଲା ନାହିଁ। କାନ୍ଦି ପକାଇଲା ବେଳକୁ ବାପା ମୁନା ଆସି ପହଞ୍ଚି ଯାଇଥିଲେ ଡେରି ହେବାରୁ। ରାତି ସାରା ମୁନି କୁକୁରଙ୍କ କଥା ଭାବୁଥିଲା। ତା ପରଦିନ ସ୍କୁଲରୁ ଫେରିଲା ବେଳେ କୁକୁର ଦୁଇଟି ଛୋଟା ଗୋଡ଼ରେ ତା ପଛେ ପଛେ ଚାଲୁଥିଲେ। କାଲିର ଠିକ ସେଇ ଜାଗାରେ ଅଟକି ଯାଇ ବିସ୍କୁଟ ପଡ଼ିଥିବା ଜାଗାଟିକୁ ଶୁଙ୍ଘି ପୁଣି ମୁନିକୁ ଅନୁସରଣ କରୁଥିଲେ। ଆଜି ଘର ପର୍ଯ୍ୟନ୍ତ ମୁନି ଡାକିଆଣି ସେମାନଙ୍କୁ ଢେର ସାରା ବିସ୍କୁଟ ଦେଇଥିଲା।

ମୁନିର ଜେଜେବାପା ସୁଦାମ ବାବୁଙ୍କ ସବୁଦିନର ଅଭ୍ୟାସ ମର୍ନିଙ୍ଗ ୱାକ। ସେଦିନ ଚାଲୁ ଚାଲୁ ଦୂରରୁ ଦେଖିଲେ କାରଟିଏ ଅଟକି ଗଲା ରାସ୍ତାରେ ଓ ତା ଭିତରୁ କେହି ଜଣେ ଓଲ୍ହେଇ ଆସି ବସ୍ତାଟିଏ ରାସ୍ତାରେ ରଖି ଦେଇ ଚାଲି ଗଲା। ସୁଦାମ ଦାସ ଆଗେଇ ଗଲେ। ଦେଖିଲେ ବସ୍ତା ଭିତରେ କେହି କୁଁ କୁଁ ଶବ୍ଦ କରି ଛାଟିପିଟି ହେଉଛି। ସୁଦାମ ଦାସ ଭୁଲିଗଲେ ସେ ଶ୍ୱାସ ରୋଗୀ, ଭୁଲିଗଲେ ତାଙ୍କ ସାଇଟିକା ଯନ୍ତ୍ରଣା। ନଇଁ ପଡି ଘୋଷାଡି ନେଲେ ଅଖାଟିକୁ ଓ ଫିଟେଇ ଚମକି ପଡିଲେ କାରଣ ଅଖା ଭିତରେ ଧୋବ ଫର ଫର ମଧ୍ୟ ବୟସ୍କ କୁକୁରଟିଏ। କୁକୁର ବେକରେ ବନ୍ଧା ଥିବା ଚେନ ଧରି ପଛକୁ ଫେରିଲେ ସୁଦାମ ଦାସ ଘର ଅଭିମୁଖେ। ସବୁ କଥା ଖୋଲି କହିଲେ। ମୁନା ଝିଅ ମୁନି ଓ ବାବା ଦଉଡି ଆସି କୁକୁରଟିକୁ ଗେଲ କରିଚାଲିଥିଲା ବେଳେ କିଏ ତା ପାଇଁ କ୍ଷୀର ବିସ୍କୁଟ ତ କିଏ ତାର ଶୋଇବା ଓ ରହିବା ସ୍ଥାନ ନିରୂପଣ କରି ସଜାଡି ଚାଲିଥିଲା। ମାନବିକତା ତଥାପି ଅଛି ବୋଲି କଳିରେ କଳ୍କୀ ଏଯାଏଁ ସଂହାର କରିପାରି ନାହାଁନ୍ତି ସୃଷ୍ଟି ବୋଲି ସ୍ତ୍ରୀ ମନ୍ତବ୍ୟ ରଖୁ ରଖୁ ସୁଦାମ ଦାସ ବାବୁ ଦୀର୍ଘନିଶ୍ୱାସ ମାରୁଥିଲେ ଓ କହୁଥିଲେ ମୋଡ଼ ନିଶ୍ଚୟ ବଦଳିବ। ଦୁଇଦିନ ପରେ ନୂଆଖାଇ ପର୍ବ। ପଶ୍ଚିମ ଓଡିଶାର ଗଣପର୍ବ। ଭେଟଘାଟ ଓ ଏକତ୍ର ନବାହ୍ନ ପାଳନ ହେବା ଖୁସିରେ ଶ୍ରୀମତଙ୍କ ଗୋଡ଼ ପାଞ୍ଚ ହାତରେ ପଡୁ ପଡୁ ସେ କହୁଥିଲେ ମାଆ ସମଲେଇଙ୍କ କୃପା ଓ କରୁଣାରୁ ଯୁଗ ବଦଳିବ ନିଶ୍ଚୟ। କଳି ପରେ ସତ୍ୟ ଯୁଗ ଆସିଯିବ.ସେଦିନ ବ୍ରହ୍ମା ସେହି ସାଧୁ ରୂପେ କମଣ୍ଡଳୁରେ ଅମୃତ ଜଳ ରଖି ପୃଥିବୀରେ ସୁଦାମ ଦାସଙ୍କୁ ପରୀକ୍ଷା କରି ଫେରିଗଲା ପରେ ଜାଣିଥିଲେ ଯୋଉ ପରିବାରରେ ସ୍ନେହ, ଶ୍ରଦ୍ଧା ଓ ଭଲପାଇବା ଅଛି, ସେହି ପରିବାରର ଘର ବା ନୀଡ଼ ହୋଇ ନିଶ୍ଚୟ ତିଷ୍ଠି ରହିବ ଯେତେ ଝଡ଼ ଆସୁ। ଠିକ ବାୟାର କି ଯାଏ..। ବାଆ କଲେ ବସା ଦୋହଲଥାଏ ପରି।

**ସୁନନ୍ଦା ମହାନ୍ତି**
*ସାକ୍ଷୀଗୋପାଳ, ପୁରୀ, ମୋ: ୯୦୪୦୯୭୭୩୨୭*

ଜାତୀୟ ଚେତନା
JATIYA CHETANA



# ଏସିଆନ୍ ଗେମ୍ସ: ପ୍ରଥମ ଦିନ ଭାରତକୁ ଦୁଇ ରୌପ୍ୟ

ନାଗୋୟା,(ଏଜେନ୍ସି): ଭାରତ ୨୦ଶ ଏସିଆନ୍ ଗେମ୍ସର ପ୍ରଥମ ଦିନ ଦୁଇ ରୌପ୍ୟ ପଦକ ଜିତି ଅଭିଯାନ ଆରମ୍ଭ କରିଛି। ଦୁଇଟି ଯାକ ପଦକ ୧୦ ମିଟର ରାଇଫଲ୍ ଶୁଟିଂରୁ ମିଳିଛି। ତେବେ ସ୍ୱିମିଂ ଓ ଉଶୁରେ ଭାରତ ପଦକ ହରାଇଛି।

ରବିବାର ଏଲାଭେନିଲ୍ ଭଲାରିଭନ୍ ୧୦ ମିଟର ରାଇଫଲ୍ ବ୍ୟକ୍ତିଗତ ଇଭେଣ୍ଟରେ ୨୫୨.୪ ପଏଣ୍ଟ ସହ ରୌପ୍ୟ ପଦକ ଜିତିଛନ୍ତି। ସେ ୦.୬ ପଏଣ୍ଟ ପଛରେ ରହି ସ୍ୱର୍ଣ୍ଣ ପଦକରୁ ବଞ୍ଚିତ ହୋଇଛନ୍ତି। ଜାପାନର ହିନାତା ଟାଇଚି ୨୫୩.୦ ପଏଣ୍ଟ ନେଇ ସ୍ୱର୍ଣ୍ଣ ପଦକ ନିଜ ନାମରେ କରିଛନ୍ତି। ଏହା ପୂର୍ବରୁ ଭାରତୀୟ ମହିଳା ଟିମ୍ ୧୮୯୮.୦ ପଏଣ୍ଟ ସହ ଦ୍ୱିତୀୟ ସ୍ଥାନ ହାସଲ କରିଥିଲା। ଏହି ଟିମ୍‌ରେ ଏଲାଭେନିଲ୍, ସୋନମ ମସ୍କର ଏବଂ ବିଦାରସା ବିନୋଦ ସାମିଲ ଥିଲେ। ସୁଚିକା ତରିୟାଲ୍ ମିକ୍ସଡ୍ ମାର୍ଶାଲ୍ ଆର୍ଟ୍ସର ଟ୍ରାଡିସନାଲ୍ କାଟାଗୋରୀ (-



୬୦ କେଜି)ର ସେମିଫାଇନାଲ୍‌ରେ ପହଞ୍ଚି ପଦକ ପକ୍କା କରିଛନ୍ତି। ସେ ମଙ୍ଗୋଲିଆର ଅଲ୍‌ତନଚିମେଗ ବାଗଲମାଙ୍କୁ ୨-୦ରେ ହରାଇ ଦେଇଛନ୍ତି।

ଟେବୁଲ୍ ଟେନିସ୍‌ରେ ଭାରତକୁ ମିଶ୍ରିତ ଫଳ ମିଳିଛି। ପୁରୁଷରେ ଭାରତ ପରାଜିତ ହୋଇଥିବା ବେଳେ ମହିଳାରେ ବିଜୟୀ ହୋଇଛି। ମହିଳା ବିଭାଗରେ ଭାରତ ୩-୨ରେ ସିଙ୍ଗାପୁରକୁ ହରାଇ ମ୍ୟାଚ୍ ନିଜ ନାମରେ କରିଛି। ଯଶସ୍ୱିନୀ ଘୋରପଡ଼େ ରୋମାଞ୍ଚକର ମ୍ୟାଚ୍‌ରେ ଲୋୟ ମିଙ୍ଗଙ୍କୁ ୫-୧୧, ୧୧-୮, ୧୨-୧୦, ୪-୧୧, ୧୧-୯ରେ ହରାଇ ଭାରତର ବିଜୟ ପକ୍କା କରିଛନ୍ତି। ଏହା ପୂର୍ବରୁ ଯଶସ୍ୱିନୀ ନିଜର ଦୁଇଟି ଯାକ ମ୍ୟାଚ୍ ଜିତିଥିବା ବେଳେ ଶ୍ରୀଜା ଅକୁଲା ନିଜର ଦ୍ୱିତୀୟ ମ୍ୟାଚ୍ ଜିତି ଭାରତର ପ୍ରତ୍ୟାବର୍ତ୍ତନ ଆଶା ବଜାୟ ରଖିଥିଲେ।

ଭାରତୀୟ ସନ୍ତରଣକାରୀ ଋଷଭ ଦାସ ପଦକ ଜିତିବାରେ ବିଫଳ ହୋଇଛନ୍ତି। ୧୦୦ ମିଟର ବ୍ୟାକ୍‌ଷ୍ଟ୍ରୋକ୍ ଫାଇନାଲ୍‌ରେ ସେ ୫୪.୭୭ ସେକେଣ୍ଡ ସହ ଷଷ୍ଠ ସ୍ଥାନରେ ରହିଥିଲେ। ଏହା ପୂର୍ବରୁ ହିଟ୍ସରେ ୫୪.୮୫ ସେକେଣ୍ଡ ସମୟ ସହ ପଞ୍ଚମ ସ୍ଥାନରେ ରହି ଫାଇନାଲ୍ ଯୋଗ୍ୟତା ଅର୍ଜନ କରିଥିଲେ। ଏହି ଇଭେଣ୍ଟର ସ୍ୱର୍ଣ୍ଣ ପଦକ ଚୀନ୍‌ର ଜିୟାୟୁ ଶୁ ଜିତିଛନ୍ତ। ଜାପାନର ହିକୋଜୁ ତାକେହାରା ରୌପ୍ୟ ଓ ସାଉଥ୍ କୋରିଆର ଜୁହୋ ଲି ବ୍ରୋଞ୍ଜ୍ ପଦକ ହାସଲ କରିଛନ୍ତି।

# ଟି-୨୦ରେ ନମ୍ବର-୧ ମୁକୁଟ ହରାଇଲା ଭାରତ

ମାଞ୍ଚେଷ୍ଟର,(ଏଜେନ୍ସି): ଇଂଲଣ୍ଡ ୫୫ ଦିନ ପରେ ଭାରତଠାରୁ ଟି-୨୦ ଅନ୍ତର୍ଜାତୀୟର ନମ୍ବର-୧ ର୍‍ୟାଙ୍କିଙ୍ଗ୍ ପୁଣିଥରେ ଛଡ଼ାଇ ନେଇଛି। ଇଂଲଣ୍ଡ ମାଞ୍ଚେଷ୍ଟର୍‌ରେ ଶ୍ରୀଲଙ୍କାକୁ ତୃତୀୟ ଟି-୨୦ ଅନ୍ତର୍ଜାତୀୟରେ ୮ ୱିକେଟ୍‌ରେ ହରାଇ ସିରିଜ୍ ୩-୦ରେ ନିଜ ନାମରେ କରିଛି। ଶ୍ରୀଲଙ୍କାର ୧୨୪ ରନ୍ ଜବାବରେ ଇଂଲଣ୍ଡ ୯.୪ ଓଭର୍‌ରେ ୨ ୱିକେଟ୍ ବିନିମୟରେ ୧୨୬ ରନ୍ କରି ବିଜୟୀ ହୋଇଛି। ଇଂଲଣ୍ଡ ୬୨ ବଲ୍ ବାକି ଥାଇ ଲକ୍ଷ୍ୟ ହାସଲ କରିଛି। ଏହା ୧୨୦+ ରନ୍‌ର ଲକ୍ଷ୍ୟର ଦ୍ରୁତତମ ଟି-୨୦ ଅନ୍ତର୍ଜାତୀୟ ଚେଜ୍।

ଇଂଲଣ୍ଡ ଜୁଲାଇ ୧୧ ତାରିଖରେ ଭାରତକୁ ୪-୦ରେ ହରାଇ ଟି-୨୦ ଅନ୍ତର୍ଜାତୀୟ ର୍‍ୟାଙ୍କିଙ୍ଗ୍‌ରେ ନମ୍ବର-୧ ସ୍ଥାନ ହାସଲ କରିଥିଲା। ଭାରତ ଜୁଲାଇ ୨୬ରେ ଜିମ୍ବାୱେ ବିପକ୍ଷ ସିରିଜ୍‌ରେ ୨-୦ର ଅଗ୍ରଣୀ ହାସଲ କରି ଏହି ସ୍ଥାନ ପୁଣିଥରେ ହାସଲ କରିଥିଲା। ଏବେ ଇଂଲଣ୍ଡ ୩-୦ରେ ଶ୍ରୀଲଙ୍କାକୁ ହରାଇ ୫୫ ଦିନ ପରେ ନମ୍ବର-୧ ସ୍ଥାନ ପୁଣିଥରେ ହାସଲ କରିଛି। ଏମିରେଟ୍ସ ଓଲ୍ଡ ଟ୍ରାଫୋର୍ଡରେ ଟସ୍ ହାରି ପ୍ରଥମେ ବ୍ୟାଟିଂ ପାଇଥିବା ଶ୍ରୀଲଙ୍କାର ଆରମ୍ଭ ବହୁ ଖରାପ ଥିଲା। ଓପ୍ନର୍ ଲାହିରୁ ଉଦାରା (୧୦ ରନ୍)ଙ୍କୁ ସୋନୀ ବେକର୍ ଆଉଟ୍ କରିଥିଲେ। ଏହାପରେ ୱିଲ୍ ଜ୍ୟାକ୍ସ ପାୱର୍‌ପ୍ଲେରେ ଦୁଇଟି ୱିକେଟ୍ ନେଇଥିଲେ। ପାଥୁମ ନିସଙ୍କା ୨୪ ବଲ୍‌ରେ ୩୬ ରନ୍ କରି ଫେରିଥିଲେ। କାମିନ୍ଦୁ ମେଣ୍ଡିସ୍ ୨୮ ବଲ୍‌ରେ ୩ ଚୌକା ଓ ଦୁଇ ଛକା ସହାୟତାରେ ୩୫ ରନ୍ କରିଥିଲେ ମଧ୍ୟ ତାଙ୍କୁ ଅନ୍ୟପଟୁ ପର୍ଯ୍ୟାପ୍ତ ସହଯୋଗ ମିଳିନଥିଲା। ଚରିଥ୍ ଅସଲଙ୍କା (୧୬ ରନ୍) ରନ୍‌ଆଉଟ୍ ହୋଇଥିଲେ। ଈଶାନ୍ ମାଲିଙ୍ଗା (୦) ମଧ୍ୟ ରନ୍‌ଆଉଟ୍ ହୋଇଥିଲେ। ୱାନିନ୍ଦୁ ହସରଙ୍ଗା (୭) ହିଟ୍ ୱିକେଟ୍ ହୋଇଥିଲେ। ଶ୍ରୀଲଙ୍କା ୧୭ ରନ୍ ମଧ୍ୟରେ ଶେଷ ୬ ୱିକେଟ୍ ହରାଇଥିଲା। ଇଂଲଣ୍ଡ ପକ୍ଷରୁ ସୋନି ବେକର, ଜୋଫ୍ରା ଆର୍ଚର୍ ଏବଂ ୱିଲ୍ ଜ୍ୟାକ୍ସ ୨-୨ ୱିକେଟ୍ ନେଇଥିବା ବେଳେ ଲିଆମ୍ ଡସନ୍ ଓ ଜେମି ଓଭରଟନ୍‌ଙ୍କୁ ୧-୧ ସଫଳତା ମିଳିଥିଲା।

ଜବାବରେ ଇଂଲଣ୍ଡ ୨୨ ରନ୍‌ର ସ୍କୋର୍‌ରେ ଓପ୍ନର୍ ଅନିଉରିନ୍ ଡୋନାଲ୍ଡ (୧୩ ରନ୍)ଙ୍କ ୱିକେଟ୍ ହରାଇଥିଲା। ତେବେ ଜୋସ୍ ବଟ୍‌ଲର୍ ଶେଷ ପର୍ଯ୍ୟନ୍ତ ତିଷ୍ଠିରହି ଟିମ୍‌କୁ ୧୦ମ ଓଭର୍‌ରେ ବିଜୟୀ କରାଇଥିଲେ। ସେ ୩୨ ବଲ୍‌ରେ ୭ ଚୌକା ଓ ୨ ଛକା ସହାୟତାରେ ଅପରାଜିତ ୬୨ ରନ୍ କରିଥିଲେ। ଏହା ବ୍ୟତୀତ ହ୍ୟାରୀ ବ୍ରୁକ୍ (୩୩ ରନ୍)ଙ୍କ ସହିତ ଦ୍ୱିତୀୟ ୱିକେଟ୍ ପାଇଁ ୮୫ ରନ୍‌ର ପାର୍ଟନରଶିପ୍ କରିଥିଲେ।

# ଭାରତ ଗସ୍ତ ପାଇଁ ୱେଷ୍ଟଇଣ୍ଡିଜ୍ ଟିମ୍ ଘୋଷିତ

ଜୋହାନ୍ସବର୍ଗ,(ଏଜେନ୍ସି): ଭାରତ ଗସ୍ତ ପାଇଁ ୱେଷ୍ଟଇଣ୍ଡିଜ୍‌ର ଦିନିକିଆ ଓ ଟି-୨୦ ଟିମ୍ ଘୋଷିତ ହୋଇଛି। ଯୁବ ଓପ୍ନର୍ କାମିଲ ପୂରନ୍‌ଙ୍କୁ ପ୍ରଥମ ଥର ଟି-୨୦ ଟିମ୍‌ରେ ସ୍ଥାନ ମିଳିଛି। ସେହିପରି ଶିମରୋନ୍ ହେଟ୍‌ମାୟର୍‌ଙ୍କର ମଧ୍ୟ ଟି-୨୦ ଟିମ୍‌ରେ ପ୍ରତ୍ୟାବର୍ତ୍ତନ ଘଟିଛି। ତେବେ ତାଙ୍କୁ ୩ ମ୍ୟାଚ୍‌ର ଦିନିକିଆ ସିରିଜ୍‌ରେ ବିଶ୍ରାମ ଦିଆଯାଇଛି। ଶାଇ ହୋପ୍ ଉଭୟ ଟିମ୍‌ର କ୍ୟାପ୍‌ଟେନ୍ ଅଛନ୍ତି। ଭାରତ ଓ ୱେଷ୍ଟଇଣ୍ଡିଜ୍ ମଧ୍ୟରେ ସେପ୍ଟେମ୍ବର ୨୭ରୁ ଅକ୍ଟୋବର ୧୮ ପର୍ଯ୍ୟନ୍ତ ୩ ଦିନିକିଆ ଏବଂ ୫ ଟି-୨୦ ଅନ୍ତର୍ଜାତୀୟ ମ୍ୟାଚ୍ ଖେଳାଯିବ। ମ୍ୟାଚ୍ ୮ ସହରରେ ଆୟୋଜିତ ହେବ।

କାମିଲ ପୂରନ୍‌ଙ୍କୁ ସିପିଏଲ୍ ୨୦୨୬ରେ ଜବରଦସ୍ତ ପ୍ରଦର୍ଶନର ପୁରସ୍କାର ମିଳିଛି। ସେଣ୍ଟ ଲୁସିଆ କିଙ୍ଗସ ପକ୍ଷରୁ ସେ ୮ ଇନିଂସ୍‌ରେ ୧୫୯.୬୪ ଷ୍ଟ୍ରାଇକ୍ ରେଟ୍‌ରେ ମୋଟ ୨୭୩ ରନ୍ କରିଥିଲେ। ହେଟ୍‌ମାୟର୍‌ଙ୍କୁ ୫ ମ୍ୟାଚ୍‌ର ଟି-୨୦ ସିରିଜ୍ ପାଇଁ ଟିମ୍‌ରେ ସାମିଲ କରାଯାଇଛି। ତେବେ ସିପିଏଲ୍ ପରେ ରିକଭରୀ ପାଇଁ ତାଙ୍କୁ ଅତିରିକ୍ତ ସମୟ ଦିଆଯାଇଥିବାରୁ ସେ ଦିନିକିଆ ଟିମ୍‌ରେ ନାହାନ୍ତି। ଓପ୍ନର୍ ଜନ୍ କ୍ୟାମ୍ପବେଲ୍ ଦିନିକିଆ ଟିମ୍‌କୁ ଫେରିଛନ୍ତି। ହାମ୍‌ଷ୍ଟ୍ରିଙ୍ଗ୍ ଆଘାତ କାରଣରୁ ନ୍ୟୁଜିଲାଣ୍ଡ ବିପକ୍ଷ ସିରିଜ୍‌ର ଅନ୍ତିମ ଦୁଇ ଦିନିକିଆ ଖେଳିପାରି ନଥିଲେ। ଯୁବ ବ୍ୟାଟର୍ କ୍ୱେଲ୍ ଆଣ୍ଡ୍ରୁ୍ୟଙ୍କୁ ଉଭୟ ଟିମ୍‌ରେ ସ୍ଥାନ ମିଳିଛି। ଅକିମ୍ ଅଗଷ୍ଟ ସର୍ଜରୀ ପରେ ରିହାବିଲିଟେସନ୍‌ରେ ଥିବାରୁ ତାଙ୍କୁ ଏହି ଗସ୍ତରୁ ବାଦ୍ ଦିଆଯାଇଛି। ତେବେ ଅନୁଭବୀ ଅଲ୍‌ରାଉଣ୍ଡର୍ ଜେସନ୍ ହୋଲ୍ଡର ଉଭୟ ଟିମ୍‌ର ସଦସ୍ୟ ନାହାନ୍ତି। ତାଙ୍କୁ ବିଶ୍ରାମ ଦିଆଯାଇଛି। ହୋଲ୍ଡର ୨୦୨୩ ଜୁଲାଇ ପରଠାରୁ କୌଣସି ଦିନିକିଆ ମ୍ୟାଚ୍ ଖେଳିନାହାନ୍ତି। ସେ ଜୁନ୍‌ରେ ଶ୍ରୀଲଙ୍କା ବିପକ୍ଷ ଟି-୨୦ ସିରିଜ୍‌ରେ ଟିମ୍‌ର ସଦସ୍ୟ ଥିଲେ।

ଭାରତ ବିପକ୍ଷ ପ୍ରଥମ ଦୁଇଟି ଦିନିକିଆ ୨୦୨୭ ବିଶ୍ୱକପ୍‌ର ଅଟୋମେଟିକ୍ କ୍ୱାଲିଫିକେସନ୍ ସାଇକ୍ଲର ଅନ୍ତିମ ମ୍ୟାଚ୍ ହେବ। ୱେଷ୍ଟଇଣ୍ଡିଜ୍ ଏବେ ସିଧା କ୍ୱାଲିଫାଇ କରିପାରିବ ନାହିଁ। ଟିମ୍‌କୁ ଆସନ୍ତା ବର୍ଷ କ୍ୱାଲିଫିକେସନ୍ ଟୁର୍ଣ୍ଣାମେଣ୍ଟ ଖେଳିବାକୁ ହେବ। କୋଚ୍ ଡାରେନ୍ ସାମୀ କହିଛନ୍ତି, ଭାରତ ପକ୍ଷରୁ ଶକ୍ତିଶାଳୀ ଟିମ୍ ବିପକ୍ଷ ସିରିଜ୍‌ରୁ ଖେଳାଳିଙ୍କୁ ମହତ୍ତ୍ୱପୂର୍ଣ୍ଣ ଭୂମିକା ପାଇଁ ପ୍ରସ୍ତୁତ କରିବାକୁ ସୁଯୋଗ ମିଳିବ।

ୱେଷ୍ଟଇଣ୍ଡିଜ୍ ଦିନିକିଆ ଟିମ୍: ଶାଇ ହୋପ୍ (କ୍ୟାପ୍‌ଟେନ୍), କ୍ୱେଲ୍ ଆଣ୍ଡ୍ରୁ୍ୟ, ଜନ୍ କ୍ୟାମ୍ପବେଲ୍, କିସି କାର୍ଟି, ରୋଷ୍ଟନ୍ ଚେଜ୍, ମାଥ୍ୟୁ ଫୋର୍ଡେ, ଜଷ୍ଟିନ୍ ଗ୍ରୀଭ୍‌ସ, ଅମୀର ଜାଙ୍ଗୁ, ଅଲ୍‌ଜାରୀ ଜୋସେଫ୍, ଶମାର ଜୋସେଫ୍, ବିଟେଲ୍ ଲାଜ୍, ଗୁଡ଼ାକେଶ ମୋତୀ, କୀମୋ ପଲ୍, ଶେରଫେନ୍ ରଦରଫୋର୍ଡ, ଜେଡେନ୍ ସିଲ୍ସ।

ୱେଷ୍ଟ୍‌ଇଣ୍ଡିଜ୍ ଟି-୨୦ ଟିମ୍: ଶାଇ ହୋପ୍ (କ୍ୟାପ୍‌ଟେନ୍), କ୍ୱେଲ୍ ଆଣ୍ଡ୍ରୁ୍ୟ, ରୋଷ୍ଟନ୍ ଚେଜ୍, ମାଥ୍ୟୁ ଫୋର୍ଡେ, ଶିମରୋନ୍ ହେଟ୍‌ମାୟର୍, ଅକିଲ୍ ହୋସେନ୍, ଶମାର ଜୋସେଫ୍, ଗୁଡ଼ାକେଶ ମୋତୀ, କୀମୋ ପଲ୍, କାମିଲ ପୂରନ୍, ରୋଭ୍‌ମ୍ୟାନ୍ ପାୱେଲ୍, ଶେରଫେନ୍ ରଦରଫୋର୍ଡ, କ୍ୱେଣ୍ଟିନ୍ ସାମ୍‌ସନ୍, ରୋମାରିଓ ଶେଫର୍ଡ, ଶମାର ସ୍ପ୍ରିଙ୍ଗର୍।

## ଚେଷ୍ଟା କେବେ ଛାଡ଼ ନାହିଁ

ଜୀବନରେ କେବେ ସବୁରି କାର୍ଯ୍ୟରେ
ସମସ୍ତେ ସଫଳ ହୁଅନ୍ତି ନାହିଁ
ହେଲେ ଚେଷ୍ଟା ଯଦି ଜାରି ରହିଥାଏ
ଆସିଥାଏ ତାହା ସୁଫଳ ନେଇ।
ହେଉନାହିଁ ବୋଲି ଭୟଭୀତ ହୋଇ
ଛାଡ଼ିଦେବ ନାହିଁ କେବେ ପ୍ରଚେଷ୍ଟା
ଯେଉଁ କାର୍ଯ୍ୟ ଆଜି ହୁଏନି ଭଲରେ
କାଲିକି ହୋଇବ ରହିଲେ ନିଷ୍ଠା।
ଛୋଟ କାହାଣୀଟି ତୁମପାଇଁ ଲେଖେ
ମନଦେଇ ଥରେ ତୁମେ ପଢ଼ିବ
ଚେଷ୍ଟାର ମହତ୍ତ୍ୱ ଜୀବନରେ କେତେ
ସେଇ କଥାଟିକୁ ତୁମେ ଜାଣିବ।
ନଟିଆ ବୋଲିକି ପିଲାଟିଏ ଥିଲା
ସବୁଥିରେ ସିଏ ବିଫଳ ହୁଏ
ଯେଉଁ କାର୍ଯ୍ୟ କରେ ହେବନାହିଁ କହି
ଅଧାରୁ ଚେଷ୍ଟାଟି ସେ ଛାଡିଦିଏ।
ବଟୁଆ ବୋଲିକି ସାଙ୍ଗଟି ତାହାର
ସବୁଥିରେ ସିଏ ସଫଳ ହୁଏ
ଅଧାରୁ କେବେବି ଓହରି ନଯାଇ
ଶେଷଯାଏ ଚେଷ୍ଟା ତା' ଜାରି ରୁହେ।
ଚେଷ୍ଟା କରିବାକୁ ଯେତେ କହିଲେବି
ନଟିଆଟି କାହା କଥା ଶୁଣେନି
କାର୍ଯ୍ୟର ଆରମ୍ଭୁ ମୁହଁ ମୋଡ଼ିଦିଏ
କୁହଇ ମୋ ଦ୍ୱାରା ଜମା ହେବନି।
ଯେହେତୁ ବଟୁଆ ନଟିଆର ସାଙ୍ଗ
ତା'ପାଇଁ ଉପାୟ ପାଞ୍ଚି ସେ ନେଲା
ଗାଧୋଇବା କହି ଅଥଳ ପାଣିରେ
ନଟିଆର ହାତ ଛାଡ଼ି ସେ ଦେଲା।
ପହଁରି ପହଁରି ବଟୁଆଟା ଆସି
ନଦୀର କୂଳରେ ହୋଇଲା ଠିଆ
ବୁଡ଼ିଉଠି ନଟୁ ପଚାରିଲା ଆସି
କହତୁ ଏମିତି କରିଲୁ କିଆଁ।
ବଟୁଆ କହିଲା ତୋ' ପାଇଁକି ସାଙ୍ଗ
ଛାତିରେ ମୋହର ପଥର ରଖି
ପାଣି ପିଉଥିଲୁ ବୁଡ଼ି ଯାଉଥିଲୁ
ବୁଜି ଦେଇଥିଲି ମୁଁ ମୋହରି ଆଖି।
ଜାଣିଥିଲି ମୁହିଁ ଚେଷ୍ଟା କରି ତୁହି
କୂଳରେ ଆସି ତୁ ପହଞ୍ଚିଯିବୁ
ବିନା ଚେଷ୍ଟାରେ ତ ହୁଏନାହିଁ କିଛି
ଏକଥା ନିଶ୍ଚିତ ବୁଝି ତୁ ଥିବୁ।
ଜୀବନ ତୋହର ବଞ୍ଚେଇବା ପାଇଁ
ଚେଷ୍ଟା ରଖିଥିଲୁ ବୋଲି ତୁ ଜାରି
ପହଁରା ଶିଖିଲୁ କୂଳେ ପହଁଞ୍ଚିଲୁ
ହୋଇ ତୁ ପାରିଲୁ ନଦୀଟା ପାରି।
ନଟିଆ ବୁଝିଲା ଜୀବନରେ କିଛି
ହୋଇଯାଏ ନାହିଁ ବିନା ଚେଷ୍ଟାରେ
ଚେଷ୍ଟାଟା ସର୍ବଦା ଜାରି ରଖିଥିବା
ଥିଲେ ଥାଉ ପଛେ ଯେତେ କଷ୍ଟରେ।

**ପ୍ରଶାନ୍ତ କୁମାର ନାଥ**
ସୁନ୍ଦରପୁର,ପ୍ରୀତିପୁର,ଯାଜପୁର
ମୋ-୮୩୧୦୩୨୮୩୪୫

## ପ୍ରିୟ ସଖା

ଜାଣିପାରୁନି ସଖା
କୋଉ ମୋହରେ ଚାଲି ଆସିଲି
ଏତେ ବାଟ
କାହାର ହସ ହସ ମୁହଁର ଆକର୍ଷଣରେ
ଭୁଲିଗଲି ସାଆଁଡା ଗଛର ଆତ୍ମକଥା
ଲିଭେଇଦେଲି ପିଠୋଉର ଲକ୍ଷ୍ମୀପାଦ
କାହାର ପ୍ରତିରୂପରେ ଦିଶିଗଲା
ତୁମ ରୂପ ଅବୟବ, ହାତର ବଂଶୀ
କୋଉଠି ଲୁଚିଗଲ ତୁମେ ?
ଏବେ ଖାଲି ବେଳାଭୂମିର ଗହଳଚହଳ
ଫେରି ଯାଉଥିବା ଅଶାନ୍ତ ସମୁଦ୍ରର ଢେଉ।
ମୁଁ କାହିଁକି ଫେରି ପାରୁନି !
ଏତେ ମାୟା ମମତା ଅନିଦ୍ରାରେ
ଗଢ଼ିଥିବା ମୋର ଛୋଟିଆ ନୀଡ଼କୁ
ତୁମେ ପବନର ପାଗଳାମୀ ପରି
କାହିଁକି ବିଭୋର କରୁଛ ଜାଣିନି
କାହିଁକି ଥରକୁ ଥର ବାହୁ ମେଲି
ମୋତେ ଡାକୁଛି ସମୁଦ୍ର ଜାଣିନି
କାହିଁକି ମୁଁ ଖୋଜି ହେଉଛି ମୋ ଦେହରେ
ପବନର ଛୁଆଁ ତା'ବି ଜାଣିନି
ଅନ୍ଧାର ଗୁହାରେ, ନିର୍ଜନ ଦ୍ୱୀପରେ
ତୁମେ ନୀଳ ଶିଖାଟିଏ
ଶିଆଳି ଲଟାତଳେ ଖୋଜୁଛି ତୁମକୁ
ଈଶ୍ୱର ପରି ଲାଗୁଥିବା
ହେ ମୋର ପ୍ରିୟ ସଖା
ଏତେ ସ୍ୱପ୍ନ ଆସିଲା କୋଉଠୁ
ତା ବି ଜାଣିନି
ତୁମେ ମୋର ସ୍ୱପ୍ନ ହୁଅ ଆଶା ହୁଅ
ଭାଗ୍ୟ ହୁଅ କି ଭଗବାନ ହୁଅ
ତୁମ ମୁରଲୀର ମୂର୍ଚ୍ଛନାରେ
ତଲ୍ଲୀନ ଦେବଦାସୀ ମୁଁ
ଏବେ ତ ଏ ସଂସାରରୁ ଡାକି ନିଅ
ଏବେ ତ ଏ ମାୟା ବନ୍ଧନରୁ ମୁକ୍ତି ଦିଅ।

**ଶ୍ୱେତା ରାଉତ**
କଟକ ରୋଡ଼, ଭୁବନେଶ୍ୱର

## ଜାଗ୍ରତ ହୁଅ ଯୁବଶକ୍ତି

ଉଠ ଜାଗ୍ରତ ହୁଅ ଜାଗ୍ରତ ହୁଅ
ପଲକ ନପକା ପଲଙ୍କରେ,
ତୋ' ଦେଶର ଧନ ହେଉଛି ନିଧନ
ଶୋଇଛୁ ତୁ କେତେ ନିଶ୍ଚିନ୍ତରେ ॥
ବିଦେଶୀ ଲୋଟୁଛି ତୋ ଦେଶ ସମ୍ପତ୍ତି
ତୋ ହାତ ମୁଠାରୁ ପ୍ରତିକ୍ଷଣେ,
କିଆଁ ସୁପ୍ତ ଅଛୁ ବେନି ନେତ୍ର ମେଲି
ଜାଣି ପାରୁନୁକି ଏହି କ୍ଷଣେ ॥
ଛୁଞ୍ଚି ଠାରୁ ନେଇ ମୋବାଇଲି ଯାଏଁ
ସବୁ ତୁ ଆଣୁଛୁ ବିଦେଶରୁ,
ଡାଟା ପେକ୍ ଦେଇ ଫେସବୁକ ଦେଖୁ
ବିଦେଶ ତିଆରି ଆଆପରୁ ॥
ଯେଦେଶେ ଯୁବକ ଯେତେ ବେଶି ଥିବ
ବିଶ୍ୱେ ପରାକ୍ରମୀ ସେଇ ଦେଶ,
ମୋ ଦେଶ ଯୁବକ ସୁପ୍ତ କିସ ପାଇଁ
ଊଣା କି ଯୁବକେ ମୋର ଦେଶ ॥
ବିଶ୍ୱେ ସର୍ବାଧିକ ଯୁବଶକ୍ତି ଏଠି
ମୋ ଦେଶ ମାଟିରେ ଅଛି ରହି,
ଉଠ ଜାଗିଉଠ ହେ ଯୁବ ସମାଜ
ତୁମ ଶକ୍ତି କଥା ଦିଅ କହି ॥
ବିଦେଶୀ ଦରବ କରି ବରଜନ
ସ୍ୱଦେଶୀ କୌଶଳ ଆପଣେଇ,
ଅଜଥା ସମୟ ବର୍ବାଦ ନକରି
ନୂଆ ଉଦ୍ଭାବନ କର ଯାଇ ॥
ଉଠ ଜାଗ୍ରତ ହୁଅ ଜାଗ୍ରତ ହୁଅ
ଜାଗ୍ରତ ହୁଅ ହେ ଯୁବଶକ୍ତି,
ଆମ ପରାକାଷ୍ଠା ଦେଖାଇ ବିଶ୍ୱରେ
ଦେଖାଅ ବିଶ୍ୱକୁ ଆମ ଶକ୍ତି ॥

**ଦିଗମ୍ବର ବେହେରା**
କୁମୁଟିଗୁଡ଼ା, ମାଲକାନଗିରି

ଜାତୀୟ ଚେତନା
JATIYA CHETANA



# ପ୍ରେକ୍ଷାଳୟରେ ଫିକା ପଡ଼ିଲା

# ‘ଦାୟରା’

ନିର୍ଦ୍ଦେଶିକା ମେଘନା ଗୁଲଜାରଙ୍କ ବହୁପ୍ରତୀକ୍ଷିତ ନୂଆ ଚଳଚ୍ଚିତ୍ର ‘ଦାୟରା’ ସିନେମାଘରକୁ ଆସିଥିଲେ ବି ପ୍ରଥମ ଦିନରେ ଦର୍ଶକଙ୍କୁ ଆକୃଷ୍ଟ କରିବାରେ ବିଫଳ ହୋଇଛି। ବଲିଉଡ ଅଭିନେତ୍ରୀ କରିନା କପୁର ଏବଂ ମାଲାୟାଲମ୍ ସୁପରଷ୍ଟାର ପୃଥ୍ୱୀରାଜ ସୁକୁମାରନ୍‌ଙ୍କୁ ପ୍ରଥମ ଥର ପାଇଁ ଏକାଠି ବଡ଼ ପରଦାରେ ଦେଖିବାକୁ ମିଳିଥିଲେ ସୁଦ୍ଧା, ଏହି ଅପରାଧ-ରୋମାଞ୍ଚକର ସିନେମାଟି ବକ୍ସ ଅଫିସରେ ବେଶ୍ ମନ୍ଦା ଆରମ୍ଭ କରିଛି। ‘ହନୁମାନ ଅଂଶ’ ଚଳଚ୍ଚିତ୍ରର ଜବରଦସ୍ତ ସଫଳତା ଏବଂ ଦର୍ଶକଙ୍କ ଗହଳି ଯୋଗୁଁ ‘ଦାୟରା’ର ପ୍ରଥମ ଦିନର ବ୍ୟବସାୟ ସମ୍ପୂର୍ଣ୍ଣ ପ୍ରଭାବିତ ହୋଇଛି।

ଖବର ଅନୁଯାୟୀ, ଦେଶସାରା ପ୍ରାୟ ୨,୨୩୮ଟି ପ୍ରେକ୍ଷାଳୟରେ ମୁକ୍ତିଲାଭ କରିଥିବା ଏହି ସିନେମାଟି ପ୍ରଥମ ଦିନରେ ମାତ୍ର ୯୦ ଲକ୍ଷ ଟଙ୍କାର ଆୟ କରିପାରିଛି। ହାତଗୋଣତି କେତେକ ସିନେମାଘରକୁ ଛାଡ଼ିଦେଲେ, ହିନ୍ଦୀ ପ୍ରେକ୍ଷାଳୟଗୁଡ଼ିକରେ ଦର୍ଶକଙ୍କ ଉପସ୍ଥିତି ମାତ୍ର ୧୧.୬୫ ପ୍ରତିଶତ ରହିଥିଲା। ଏହି ଚଳଚ୍ଚିତ୍ରଟି ହିନ୍ଦୀ ସହିତ ମାଲାୟାଲମ୍ ଭାଷାରେ ମଧ୍ୟ ମୁକ୍ତିଲାଭ କରିଛି, କିନ୍ତୁ ମାଲାୟାଲମ୍ ପ୍ରଦର୍ଶନରୁ ନଗଣ୍ୟ ରୋଜଗାର ହୋଇଛି।

ଗୋଟିଏ ବିବାଦୀୟ ପୋଲିସ ଦୁର୍ଘଟଣା ଏବଂ ନାରୀ ନିର୍ଯାତନା ମାମଲାକୁ ନେଇ ଗତିଶୀଳ ଏହି କାହାଣୀରେ ଦୁଇଜଣ ପୋଲିସ ଅଫିସରଙ୍କ ନୈତିକ ସଂଘର୍ଷକୁ ସୁନ୍ଦର ଭାବେ ଚିତ୍ରଣ କରାଯାଇଛି। ତେବେ ଏହା ସହିତ ସମାନ ଦିନରେ ମୁକ୍ତିଲାଭ କରିଥିବା କୁନାଲ କେମ୍ମୁ, ପ୍ରୀତି ଜିଣ୍ଟା ଓ ସ୍ୱର୍ଣ୍ଣ ଶ୍ରୀବାସ୍ତବଙ୍କ ହାସ୍ୟରସାତ୍ମକ ସିନେମା ‘ଭାଇବ୍’ ମଧ୍ୟ ଆଶାଜନକ ସଫଳତା ପାଇନାହିଁ। ଏହି ସିନେମାଟି ପ୍ରଥମ ଦିନରେ ପ୍ରାୟ ୧.୨୯ କୋଟି ଟଙ୍କା ବ୍ୟବସାୟ କରିଛି। ଚଳିତ ସପ୍ତାହରେ ବଡ଼ କଳାକାରଙ୍କ ଉପସ୍ଥିତି ସତ୍ତ୍ୱେ ବକ୍ସ ଅଫିସରେ ନୂଆ ଚଳଚ୍ଚିତ୍ରଗୁଡ଼ିକର କାରବାର ମାନ୍ଦା ରହିବା ସିନେପ୍ରେମୀଙ୍କୁ ଆଶ୍ଚର୍ଯ୍ୟ କରିଛି।






# ‘ଲଷ୍ଟ୍ ଷ୍ଟୋରିଜ୍ ୩’

## ସମ୍ପର୍କର ନୂଆ ରୂପ



ପ୍ରସିଦ୍ଧ ଓଟିଟି ପ୍ଲାଟଫର୍ମ ନେଟଫ୍ଲିକ୍ସରେ ମୁକ୍ତିଲାଭ କରିଛି ଆନ୍ଥୋଲୋଜି ଫିଲ୍ମ ‘ଲଷ୍ଟ ଷ୍ଟୋରିଜ’ର ତୃତୀୟ ଭାଗ ‘ଲଷ୍ଟ ଷ୍ଟୋରିଜ ୩’। ହିନ୍ଦୀ ସିନେମା ଜଗତର ଚାରି ଜଣ ନାମଜାଦା ନିର୍ଦ୍ଦେଶକ ବିକ୍ରମାଦିତ୍ୟ ମୋଟୱାନୀ, କିରଣ ରାଓ, ଶକୁନ ବାତ୍ରା ଏବଂ ବିଶାଳ ଭାରଦ୍ୱାଜଙ୍କ ଦ୍ୱାରା ନିର୍ମିତ ଚାରୋଟି ଭିନ୍ନ ସ୍ୱାଦର କ୍ଷୁଦ୍ର ଚଳଚ୍ଚିତ୍ରକୁ ନେଇ ଏହି ଆନଥ୍ଲୋଲୋଜି ପ୍ରସ୍ତୁତ କରାଯାଇଛି। ପୂର୍ବ ଭାଗଗୁଡ଼ିକ ତୁଳନାରେ ଏହି ସଂସ୍କରଣରେ କାହାଣୀଗୁଡ଼ିକର ବିବିଧତା ଏବଂ ପ୍ରସ୍ତୁତି ଶୈଳୀ ବେଶ୍ ଆକର୍ଷଣୀୟ ହୋଇଛି।

ପ୍ରଥମ କାହାଣୀଟିକୁ ନିର୍ଦ୍ଦେଶନା ଦେଇଛନ୍ତି ବିକ୍ରମାଦିତ୍ୟ ମୋଟୱାନୀ। ଏଥିରେ ରାଧିକା ଆପ୍ଟେ, କୋଙ୍କଣା ସେନ୍ ଶର୍ମା, ବିଜୟ ବର୍ମା ଏବଂ ଅଭିଷେକ ବାନାର୍ଜୀ ଅଭିନୟ କରିଛନ୍ତି। ନିଜ ବିବାହିତ ଜୀବନରେ ଯୌନ ନୀରସତାର ଶିକାର ହୋଇଥିବା ଦୁଇ ମଧ୍ୟବିତ୍ତ ମହିଳାଙ୍କ ମାନସିକତା ଓ ଆକାଂକ୍ଷାକୁ ନେଇ ଏହି କାହାଣୀ ଗତିଶୀଳ। ସ୍ୱାମୀ ବଦଳାଇବାର ଏକ ଦୁଃସାହସିକ ଚିନ୍ତାଧାରା ଏବଂ ଏହାର ପରିଣାମକୁ ନିର୍ଦ୍ଦେଶକ ବେଶ୍ ମଜାଦାର ଢଙ୍ଗରେ ଉପସ୍ଥାପନ କରିଛନ୍ତି।

ଦ୍ୱିତୀୟ କାହାଣୀଟି ନିର୍ଦ୍ଦେଶିକା କିରଣ ରାଓଙ୍କ ଦ୍ୱାରା ନିର୍ମିତ। ଗୁରୁଫାତେହ ପିରଜାଦା ଏବଂ ସାନା ଥାମ୍ପିଙ୍କ ଅଭିନୀତ ଏହି ସିନେମାରେ ମୁମ୍ବାଇ ସହରର ଏକ ପ୍ରେମ କାହାଣୀ ଦେଖାଯାଇଛି, ଯେଉଁଥିରେ ପ୍ରେମ ଓ ଶାରୀରିକ ଆକର୍ଷଣ କେବଳ ସମ୍ପର୍କ ମଧ୍ୟରେ ସୀମିତ ନରହି ନିଜ ସ୍ୱାର୍ଥ ଓ ନିଜର ଅଭିଳାଷ ପୂରଣର ଏକ ମାଧ୍ୟମ ପାଲଟିଛି। ତୃତୀୟ ଭାଗଟି ନିର୍ଦ୍ଦେଶକ ଶକୁନ ବାତ୍ରାଙ୍କର, ଯେଉଁଥିରେ ଆଲି ଫଜଲ ଏବଂ ରାଧିକା ମଦାନ ମୁଖ୍ୟ ଭୂମିକାରେ ଅଛନ୍ତି। ବିବାହ ବିଚ୍ଛେଦ ଆଡ଼କୁ ଗତି କରୁଥିବା ଏକ ଦମ୍ପତିଙ୍କ ମଧ୍ୟରେ ଥିବା ଆବେଗ, ଅଭିମାନ ଏବଂ ସମ୍ପର୍କର ଜଟିଳତାକୁ ଏଥିରେ ଅତ୍ୟନ୍ତ ଗଭୀରତାର ସହ ଦେଖାଯାଇଛି। ଦୁଇ ଅଭିନେତାଙ୍କ ଶ୍ରେଷ୍ଠ ଅଭିନୟ ଏହି କାହାଣୀଟିକୁ ବେଶ୍ ଜୀବନ୍ତ କରିପାରିଛି।

ଶେଷ କାହାଣୀଟି ହେଉଛି ବିଶାଳ ଭାରଦ୍ୱାଜଙ୍କ ଦ୍ୱାରା ନିର୍ମିତ ଏକ ନାଟକୀୟ ଚଳଚ୍ଚିତ୍ର, ଯେଉଁଥିରେ ସିଦ୍ଧାର୍ଥ, ଆଦିତି ରାଓ ହାଇଦରୀ ଏବଂ ଗଜରାଜ ରାଓ ଅଭିନୟ କରିଛନ୍ତି। ଏହି କାହାଣୀଟିରେ ନାରୀର ଯୌନ ଆକାଂକ୍ଷା ଓ ସାହିତ୍ୟର ସମ୍ପର୍କକୁ ସୁନ୍ଦର ଭାବେ ଚିତ୍ରଣ କରାଯାଇଛି। ସମସ୍ତ କାହାଣୀ ମଧ୍ୟରେ ଏକ ସୁନ୍ଦର ସାମଞ୍ଜସ୍ୟ ରହିଥିବାରୁ ଏହି ଆନଥ୍ଲୋଲୋଜିଟି ଦର୍ଶକଙ୍କୁ ଶେଷ ପର୍ଯ୍ୟନ୍ତ ବାନ୍ଧି ରଖିବାରେ ସଫଳ ହୋଇଛି।

Printed & Published by Shri Soubhagya Kumar Mohanty on behalf of Shri Tapan Bihari Bhanja published at Plot. No- 511, Nayapalli, Bhubaneswar -751012
Printed at Ray Publications, Plot No.17, Rajarani, Lewis Road, Bhubaneswar-751014, Mob-9439863842. E-mail: **jatiyachetana@gmail.com, jatiyachetana@yahoo.com,**
**Chief Advisor: Pradosh Pattnaik** ମୁଖ୍ୟ ଉପଦେଷ୍ଟା: ପ୍ରଦୋଷ ପଟ୍ଟନାୟକ **Editor: Tapan Bihari Bhanja** ସମ୍ପାଦକ: ତପନ ବିହାରୀ ଭଞ୍ଜ